Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

ପୁରୀ : ଚାଲିଛି ଶ୍ରୀଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ

ବର୍ଷ-୧ ସଂଖ୍ୟା-୧୮ ୧୫-୨୧ ମଇ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-18 15th-21st MAY, 2017 BHUBANESWAR ₹ 5/- (8 Pages)

ଥମୁନି ଶଙ୍ଖଘରେ ବିଦ୍ରୋହର ନିଆଁ

ଭୁବନେଶ୍ୱର : ଦୀର୍ଘବର୍ଷର ବ୍ୟବଧାନ ପରେ ବିଜୁ ଜନତା ଦଳର ସୁପ୍ରିମୋ ସାଧାରଣକର୍ମୀଙ୍କ ନିକଟତର ହେଉଥିବା ବେଳେ ଦଳର ନେତା ଓ କର୍ମୀଙ୍କ ମନରେ ଅସନ୍ତୋଷ ବଢୁଛି । ଏଥିରେ ବିଧାୟକ, ସାଂସଦ ଓ ପୂର୍ବତନ ମନ୍ତ୍ରୀମାନେ ମୁହଁ ଖୋଲିବା ଆରମ୍ଭ କଲେଣି । ଆଗପରି ଆଉ କାମଦେଉନି ସୁପ୍ରିମୋଙ୍କ ତାଗିଦ । ପାଉଁଶ ତଳର ନିଆଁ ଭଳି ବିଜେଡି ଭିତରେ କୁହୁଳୁଥିବା ଧୂଆଁରୁ ଉଡ଼ିଲାଣି ନିଆଁଝୁଲ । ମନ୍ତ୍ରିମଣ୍ଡଳ ଅଦଳବଦଳ ପୂର୍ବରୁ କିଛି ବିଜେଡି ସାଂସଦଙ୍କ ଖବରକାଗଜ ସ୍ତମ୍ଭର ଲେଖା ଓ ଟ୍ୱିଟ୍ ଦଳକୁ ଘାଇଲା କରିଥିଲା । ଏଥିରେ ପାଣିପକାଇ ବିଜେଡି ଆଭ୍ୟନ୍ତରୀଣ କନ୍ଦଳକୁ ଆଗକୁ ନ ବଢ଼ାଇ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରିମଣ୍ଡଳ ଅଦଳବଦଳ ସଂକେତ ଦେଇଥିଲେ । ଏଥିସହିତ ବିଜୁ ପରିବାରର ପୁରୁଣା ସଦସ୍ୟଙ୍କୁ ଦଳକୁ ଫେରାଇ ଆଣିବା କଥା କହିଥିଲେ ନବୀନ । ଠିକ୍ ସେହି ସମୟରେ ସାଂସଦ ବୈଜୟନ୍ତ ପଣ୍ଡା ଟ୍ୱିଟ୍ କରି କହିଥିଲେ ଯେ ଷଡ଼ଯନ୍ତ୍ରର ଶିକାର ହୋଇ ପୁରୁଣା ନେତା ଦଳରୁ ବିତାଡ଼ିତ ହୋଇଥିଲେ, ଏବେ ମଧ୍ୟ କିଛି ଦଳୀୟ ନେତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଛି । ଏତିକି କଥା ଦଳ ଭିତରେ ଉତ୍ତେଜନା ସୃଷ୍ଟି କରିଥିଲା ଓ ଦଳୀୟ ନେତାମାନେ ବର୍ଷିଥିଲେ ବୈଜୟନ୍ତଙ୍କ ଉପରେ । ହେଲେ ମନ୍ତ୍ରୀପଡ଼ା ଭାବେ ଖ୍ୟାତ କେନ୍ଦ୍ରାପଡ଼ା ଏବେ ମନ୍ତ୍ରୀଶୂନ୍ୟ ହେବା ପରେ ପୁଣିଥରେ ବୈଜୟନ୍ତଙ୍କ ଟ୍ୱିଟ୍‌କୁ ନେଇ ବିଜେଡିରେ ଝଡ଼ ବ୍ୟାପୁଛି । କେନ୍ଦ୍ରାପଡ଼ା ସାଂସଦ ଥିବା ବୈଜୟନ୍ତ ମନ୍ତ୍ରିମଣ୍ଡଳ ସଂପ୍ରସାରଣରେ ଏହି ଜିଲ୍ଲାର ପ୍ରତିନିଧିତ୍ୱ ନ ଥିବା ପ୍ରସଙ୍ଗକୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି । ଯଦିଓ ସେ ସିଧାସଳଖ କିଛି କହିନାହାନ୍ତି, ତଥାପି ଅତନୁ ସବ୍ୟସାଚୀ ନାୟକଙ୍କ ଇସ୍ତଫା ପରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଆଉ କାହାକୁ ମନ୍ତ୍ରୀପଦ ନ ମିଳିବା ପଛର କାରଣ କ'ଣ ବୋଲି ପ୍ରଶ୍ନଟିଛ ଛାଡ଼ିଛନ୍ତି । ଯାହାର ଯବାବ ରଖୁଛନ୍ତି ବିଜେଡି ମୁଖପାତ୍ର ପ୍ରତାପ ଦେବ । ତେବେ ରାଜନୈତିକ ବିଶାରଦ କହୁଥିଲେ ଯେ ଦଳରେ ଅନେକ ମୁଖପାତ୍ର ଥିଲେ ମଧ୍ୟ କେବଳ ପ୍ରତାପ ଦେବ କାହିଁକି ସବୁକଥାର ଉତ୍ତର ରଖୁଛନ୍ତି ? ଏହା ଭିତରେ କି ରହସ୍ୟ ରହିଛି ? ତେବେ ଏହାର ସଠିକ୍ ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସେ ପ୍ରତାପ ଦେବଙ୍କୁ ରାଜ୍ୟସଭାକୁ ପଠାଇ ଦଳର ସବୁଠୁ ବିଶ୍ୱସ୍ତ ମୁଖପାତ୍ରଙ୍କୁ ପୁରସ୍କୃତ କରିଥିବା ଚର୍ଚ୍ଚା ହେଉଛି । ପ୍ରତାପଙ୍କ ନାମ ରାଜ୍ୟସଭା ପାଇଁ ଘୋଷଣା କରାଯିବା ପରେ କିଛି କହୁଛନ୍ତି ଯେ ନବୀନଙ୍କ ଦଳିତବିରୋଧୀ ମନୋଭାବର ଏହା ସ୍ପଷ୍ଟ ସୂଚନା । ବିଷ୍ଣୁଙ୍କୁ ହଟାଇ ତାଙ୍କ ସ୍ଥାନରେ ପ୍ରତାପଙ୍କୁ ପଠାଇବା ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ଚିନ୍ତାଧାରା ନା ସାଂପ୍ରତିକ ରାଜନୈତିକ ପାଣିପାଗକୁ ଦେଖି ନିର୍ଣ୍ଣୟ କରିଛନ୍ତି, ତାହା ମଧ୍ୟ ସନ୍ଦେହ ଘେରରେ ରହିଛି । ଖାଲିପଡିଥିବା ଗୋଟିଏ ରାଜ୍ୟସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ୫ ଦିନିଆ ନୂଆଦିଲ୍ଲୀ ଗସ୍ତରୁ ଫେରି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବଙ୍କୁ ଦଳ ରାଜ୍ୟସଭାକୁ ପଠାଇବାକୁ ସ୍ଥିର କରିଥିବା ସମ୍ପର୍କରେ ସେ ଘୋଷଣା କରିଥିଲେ । ଏଥିସହ ରାଜ୍ୟସଭା ଆସନ ପ୍ରାର୍ଥୀତ୍ୱକୁ ନେଇ ଦୀର୍ଘ ଦେଢ଼ମାସ ଧରି ଲାଗି ରହିଥିବା କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି । ସୂଚନାଯୋଗ୍ୟ ଯେ ବିଷ୍ଣୁ ଦାସ ଇସ୍ତଫା ଦେବା ପରେ ଏହି ଆସନ ଖାଲି ଥିଲା । ବିଧାନସଭାରେ ବିଜେଡିର ସଂଖ୍ୟା ଦୃଷ୍ଟିରୁ ଶ୍ରୀ ଦେବ ରାଜ୍ୟସଭା ଯିବା ଏକ ପ୍ରକାର ସୁନିଶ୍ଚିତ ବୋଲି କୁହାଯାଉଛି । ସେ ରାଜ୍ୟସଭାକୁ ନିର୍ବାଚିତ ହେଲେ ଜୁଲାଇ ୨୦୨୨ ଯାଏ କାର୍ଯ୍ୟ କରିବେ । ସୂଚନାଥାଉ କି, ଦଳର କିଛି ନେତା, କିଛି ପୂର୍ବତନ ପ୍ରଶାସକଙ୍କ ନାମ ମଧ୍ୟ ଚର୍ଚ୍ଚାର ବଳୟରେ ରହିଲା । ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ସଂଶୟର କୁହେଳିକାକୁ ଦୂର କରିଛନ୍ତି । ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ରାଜ୍ୟସଭା ପାଇଁ ପ୍ରତାପ କୁମାର ଦେବ ପ୍ରାର୍ଥୀ ହେବେ । ସେହିପରି ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ପ୍ରଦୀପ ଅମାତଙ୍କୁ ଓଡ଼ିଶା ବିଧାନସଭାର ବାଚସ୍ପତି କରାଯିବ । ରାଜ୍ୟସଭା ପାଇଁ ମନୋନୀତ ଶ୍ରୀ ଦେବ ତାଙ୍କ ପରିଶ୍ରମର ଫଳ ପାଇଛନ୍ତି । ଆଳିରୁ ତିନି ଥର ବିଧାୟକ ଏବଂ ୨୦୦୯ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିବା ଶ୍ରୀ ଦେବ ୨୦୧୪ ନିର୍ବାଚନରେ ଆଳି ନିର୍ବାଚନମଣ୍ଡଳୀରୁ ହାରିଯାଇଥିଲେ । ପରେ ତାଙ୍କୁ ➤ ପୃ-୭

ଲାଭରେ ଅମର, ବିଶ୍ୱାସରୁ ଖସିଲେ ବୈଜୟନ୍ତ

ଭୁବନେଶ୍ୱର : ମନ୍ତ୍ରିମଣ୍ଡଳ ଅଦଳବଦଳ ସମୟରେ ବହୁ ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ ବାଦ୍ ଦେବା ଓ ପ୍ରାୟ ୧୮ଟି ଜିଲ୍ଲା ମନ୍ତ୍ରୀଶୂନ୍ୟ ହେବା ଘଟଣାକୁ ନେଇ ବିଜେଡି ଶିବିରରେ ଦେଖାଦେଇଥିବା ଅସନ୍ତୋଷ ଦୂର କରିବା ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀଙ୍କୁ ସରକାରୀ ଦଳର ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦେଇଛନ୍ତି । ଅମରଙ୍କୁ କ୍ୟାବିନେଟ୍ ପାହ୍ୟା ପ୍ରଦାନ କରାଯାଇଛି । ଅନନ୍ତ ଦାସ ସରକାରୀ ଦଳର ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଇ ମନ୍ତ୍ରୀ ଭାବେ ଶପଥ ନେବା ପରେ ଏହି ପଦ ଖାଲି ପଡ଼ିଥିଲା । ସେହିପରି ଲୋକସଭା ସଂସଦୀୟ ଦଳ ମୁଖପାତ୍ର ପଦରୁ କେନ୍ଦ୍ରାପଡ଼ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ହଟାଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ । ଏ ନେଇ ଦଳର ଉପସଭାପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସ୍ୱାକ୍ଷରରେ ଏକ ପ୍ରେସ୍‌ବିବୃତି ଜାରି କରାଯାଇଛି । କିଛିଦିନ ଧରି ବୈଜୟନ୍ତ ଦଳର ସାଂଗଠନିକ ସ୍ଥିତି ନେଇ ନିଜର ଭିନ୍ନମତ ରଖିବା ଯୋଗୁଁ ବିବାଦୀୟ ହୋଇପଡ଼ିଥିଲେ ।

'ବିଜେଡିର ପ୍ରବଞ୍ଚନା ଲୋକେ ବୁଝିଲେଣି'

ବିଜେପିରେ ଅମର, ନିହାର ଓ ପାଙ୍ଗୀ

ଭୁବନେଶ୍ୱର : ମନ୍ତ୍ରିମଣ୍ଡଳ ଅଦଳବଦଳ ପରେ ପୁଣିଥରେ ରାଜ୍ୟ ରାଜନୀତିରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଛି । କିଛି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନବୀନଙ୍କ ନୂଆ ଟମ୍‌ରେ ସାମିଲ ହେବାର ଯେଉ ସ୍ୱପ୍ନ ଦେଖୁଥିଲେ, ତାହା ପାଣିଫୋଟକା ହୋଇଯିବା ପରେ ସେହିଠାରୁ ବିଦ୍ରୋହର ସ୍ୱର ଉଠୁଛି । ଯାଜପୁରଠାରୁ ଆରମ୍ଭ କରି କୋରାପୁଟ ପର୍ଯ୍ୟନ୍ତ ଅସନ୍ତୋଷ ବହ୍ନି ପ୍ରଜ୍ୱଳିତ ହେବା ସହ ଅସନ୍ତୁଷ୍ଟ ନେତା ଓ କର୍ମୀମାନେ ଦଳତ୍ୟାଗ କରିବା ଆରମ୍ଭ କଲେଣି । ତେବେ ପୂର୍ବରୁ ବିଜେଡି ଏକ ନୀତିନିଷ୍ଠ ଦଳ ଭାବେ ପରିଚିତ ଥିବା ବେଳେ ଏବେ ଏହାର ନେତାମାନେ ବିଜେପିକୁ ଡେଇଁବା ଆଗାମୀ ନିର୍ବାଚନରେ ବିଜେପିକୁ ଫାଇଦା ଦେବ ବୋଲି କୁହାଯାଉଛି । ଏହି କ୍ରମରେ

ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ଜୟରାମ ପାଙ୍ଗୀ ବିଜେପିରେ ଯୋଗ ଦେଇଛନ୍ତି । ତାଙ୍କୁ ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଏବଂ ଆଦିବାସୀ ନେତା ରବି ନାୟକ । ଏ ନେଇ ଆୟୋଜିତ ଏକ ସଭାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଯେ ବିଜେଡିର ପ୍ରବଞ୍ଚନାକୁ ଏବେ ଓଡ଼ିଶାର ସାଧାରଣ ଲୋକେ ବୁଝିଗଲେଣି । ସେଥିପାଇଁ ବିଭିନ୍ନ ଦଳର ନେତାମାନେ ଏବେ ବିଜେପି ପ୍ରତି ସମର୍ଥନ ଦେବା ଆରମ୍ଭ କରୁଛନ୍ତି । ପାଙ୍ଗୀ ଓ ତାଙ୍କ କର୍ମୀମାନଙ୍କୁ ସ୍ୱାଗତ ଜଣାଇ ସେ କହିଲେ ଯେ ବରିଷ୍ଠ ନେତା ପାଙ୍ଗୀଙ୍କ ଯୋଗୁଁ ବିଜେପି ତାର କଳେବର ବୃଦ୍ଧି କରିବାରେ ସମର୍ଥ ହେବ । ବିଶେଷକରି ଦକ୍ଷିଣ ଓଡ଼ିଶାରେ ଦଳ ନିଜ କାୟା ବିସ୍ତାର କରିପାରିବ । ସେହିପରି କେନ୍ଦ୍ର ସରକାରଙ୍କ ଯୋଜନାକୁ ନିଜ ଯୋଜନା କହି ଆଦିବାସୀଙ୍କୁ ଠକୁଥିବା ବିଜେଡି ସରକାରର ପର୍ଦ୍ଦାଫାସ୍ କରି ବିଜେପିକୁ ଆଗକୁ ନେବାରେ ଶ୍ରୀ ପାଙ୍ଗୀ ସହାୟକ ହେବେ ବୋଲି ସେ କହିଥିଲେ । ସେହିପରି ଯାଜପୁର ଜିଲ୍ଲାର ଟାଣୁଆ ଯୁବବିଜେଡି ନେତା ଅମର ନାୟକ ଏବଂ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ଜ୍ୱାଇଁ ତଥା ସୁକିନ୍ଦା ବିଧାୟକ ପ୍ରାତିରଞ୍ଜନ ଘଡ଼େଇଙ୍କ ଭିଣୋଇ ନିହାର ବେହୁରା, ଧର୍ମଶାଳା ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ଜେନା, ବିଜେଡି ନେତା ଆଶିଷ କୁମାର ବଳଙ୍କ ସମେତ କେନ୍ଦ୍ରାପଡ଼ା ଯାଜପୁର, ଜଗତସିଂହପୁର ଓ କେନ୍ଦୁଝର ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଜେପିରେ ଯୋଗ ଦେଇଥିଲେ । ଏହାଛଡ଼ା ଓଡ଼ିଶା ଜନମୋର୍ଚ୍ଚା ଭୁବନେଶ୍ୱର ଜିଲ୍ଲା ସଭାପତି ରବି ମହାରଣା, ➤ ପୃ-୭

ଅମାତ ହେବେ ବାଚସ୍ପତି

ଭୁବନେଶ୍ୱର : ପୂର୍ବତନ ଅର୍ଥମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ପ୍ରଦୀପ କୁମାର ଅମାତ ହେବେ ପରବର୍ତ୍ତୀ ବାଚସ୍ପତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବାଚସ୍ପତି ପାଇଁ ଅମାତଙ୍କ ନାମ ଘୋଷଣା କରିଛନ୍ତି । ଆସନ୍ତା ୧୬ ତାରିଖ ଅପରାହ୍ନ ୩ଟାରେ ଏଥିପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ଅନ୍ୟ କୌଣସି ଦଳ ଏଥିପାଇଁ ପ୍ରାର୍ଥୀ ଦେଉ ନଥିବାରୁ ଅମାତ ବାଚସ୍ପତି ହେବା ଏକପ୍ରକାର ➤ ପୃ-୭

ଜିଏସ୍‌ଟିରୁ ମଦ ଓ ୫ ପେଟ୍ରୋଲିୟମ୍ ଉତ୍ପାଦ ବାଦ୍

ଭୁବନେଶ୍ୱର : ମଦ ଏବଂ ପାଞ୍ଚପ୍ରକାର ପେଟ୍ରୋଲିୟମ୍ ଉତ୍ପାଦ ଉପରୁ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ କରାଯିବ ନାହିଁ । ବରଂ ରାଜ୍ୟ ସରକାର ଏହା ଉପରୁ ମୂଲ୍ୟଯୁକ୍ତ କର ବା ଭାଟ୍ ଆଦାୟ କରିବେ । ମଦ ବ୍ୟତୀତ ସମ୍ପୃକ୍ତ ୫ଟି ପେଟ୍ରୋଲିୟମ୍ ଉତ୍ପାଦନ ହେଲା ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ, ପ୍ରାକୃତିକ ଗ୍ୟାସ୍ ଓ ବିମାନଉଡ଼ାଣ ଇନ୍ଧନ ଇତ୍ୟାଦି । ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଦ୍ରବ୍ୟ ଓ ସେବାକର ଆଇନ ପ୍ରଣୟନ ଏବଂ ମୂଲ୍ୟଯୁକ୍ତ କର ଆଇନରେ ସଂଶୋଧନ ଅଣାଯିବ । ଏ ସଂକ୍ରାନ୍ତ ଚିଠା ପ୍ରସ୍ତାବ ସମେତ ମୋଟ ୧୧ଟି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି । ପରୋକ୍ଷ କର କ୍ଷେତ୍ରରେ ସଂସ୍କାର ଆଣିବା ସହ ସମଗ୍ର ଦେଶରେ ଏକ ଜାତୀୟ ବଜାର ସୃଷ୍ଟ କରିବା ଲକ୍ଷ୍ୟ ନେଇ ଦ୍ରବ୍ୟ ଓ ସେବାକର ଆଇନ ପ୍ରଣୟନ ହେବ । ରାଜ୍ୟ ସରକାର ନିଜ ନିଜ ରାଜ୍ୟରେ ଦ୍ରବ୍ୟ ଓ ସେବା ବିଧେୟକ ପାରିତ କରିବା ଆବଶ୍ୟକ ଥିବାରୁ ପ୍ରସ୍ତାବିତ ଆଇନ ପରୋକ୍ଷ ଟିକସ କ୍ଷେତ୍ରରେ ବ୍ୟବସ୍ଥାକୁ ସରଳ ଓ ସଂଗଠିତ କରିବ । ୬ଟି ଦ୍ରବ୍ୟ ମାନବ ବ୍ୟବହାରଯୋଗ୍ୟ ମଦ, ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ, ପ୍ରାକୃତିକ ଗ୍ୟାସ ଓ ଏଭିଏସନ ଟରବାଇନ ଫୁଏଲ ଉପରେ ଦ୍ରବ୍ୟ ଓ ସେବା କର ଲାଗୁ ହେବ ନାହିଁ । ଏହା ଉପରେ ସରକାର ମୂଲ୍ୟଯୁକ୍ତ କର ଆଦାୟ କରିପାରିବେ । ଏଥିପାଇଁ ମୂଲ୍ୟଯୁକ୍ତ କର ଅଧିନିୟମ ୨୦୦୪ରେ ସଂଶୋଧନ ଅଣାଯିବ । ସେହିପରି ନିଜସ୍ୱ ଉତ୍ପାଦନ କ୍ଷେତ୍ରରେ ଲାଗୁ ହେଉଥିବା ବିଦ୍ୟୁତ ଶୁଳ୍କ ଦରରେ ପରିବର୍ତ୍ତନ ନିଷ୍ପତ୍ତି ହୋଇଛି । ଏହି କ୍ଷେତ୍ରରେ ଶୁଳ୍କ ଦରକୁ ୟୁନିଟ ପିଛା ୩୦ ପଇସାରୁ ୫୫ ପଇସାକୁ ବୃଦ୍ଧି କରାଯିବ । ନିଜସ୍ୱ ଶକ୍ତି ପ୍ରକଳ୍ପ ଥିବା ୪୭ଟି ଶିଳ୍ପ ସଂସ୍ଥାରୁ ଏ ବାବଦରେ ସରକାର ୮୭୫କୋଟି ଟଙ୍କା ଅଧିକ ପାଇବେ । ଏହାବ୍ୟତୀତ କଳିଙ୍ଗନଗର ଗୁଳିକାଣ୍ଡର ତଦନ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପନ, ମୁଗ ଉପରେ ମୂଲ୍ୟଯୁକ୍ତ କର ଛାଡ, ସରକାରୀ ବୈଷୟିକ ବିଦ୍ୟାଳୟ ଓ ପଲିଟେକନିକ୍‌ରେ ଅଧ୍ୟାପକ ନିଯୁକ୍ତ ନିୟମରେ ସଂଶୋଧନ, ରେଳ ସଂଯୋଗୀକରଣ ନିମନ୍ତେ ଷ୍ଟାମ୍ପଡ୍ୟୁଟି ଓ ରେଜିଷ୍ଟ୍ରେସନ ଫି ଛାଡ ଏବଂ କୃଷି ବିଭାଗର ଦୁଇଟି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି । ବୈଠକ ଶେଷରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ତଥ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଶାସନ ସଚିବ, ଅର୍ଥ, ଗୃହ , କୃଷି ବିଭାଗ ପ୍ରମୁଖ ସଚିବ ଉପସ୍ଥିତ ଥିଲେ । କ୍ୟାବିନେଟରେ

ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୮ ଓ ୧୯ ତାରିଖରେ ବସୁଥିବା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟ ସରକାର ରାଜ୍ୟ ଦ୍ରବ୍ୟ ଓ ସେବା ବିଧେୟକ ଏବଂ ମୂଲ୍ୟଯୁକ୍ତ କର ସଂଶୋଧନ ବିଧେୟକ ପାରିତ କରିବେ । ଏହି ଦୁଇ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି । ଏହି ଆଇନ କାର୍ଯ୍ୟକାରୀ ହେଲେ ପ୍ରଚଳିତ ୧୭ଟି ଟିକସ ତିନିଟି ଟିକସକୁ ହ୍ରାସ ପାଇବ । ଭାରତ ବର୍ଷରେ ଏକକ ଟିକସ ଲାଗୁ ହେବ । ମୂଲ୍ୟଯୁକ୍ତ କର ଅଧିନିୟମକୁ ସରଳ କରିବା ପାଇଁ ଓଡ଼ିଶା ବିକ୍ରିକର ନ୍ୟାୟାଧିକରଣ ବେଞ୍ଚ ଗଠନ ଏବଂ ବିବାଦୀୟ ଅର୍ଥରାଶି ସୀମା ବୃଦ୍ଧି ନିମନ୍ତେ ଧାରା (୪)ର ଉପଧାରା(୩) ପ୍ରତିସ୍ଥାପନ ହେବ । ବିଦ୍ୟୁତ ଦେୟର ଦର ପ୍ରତିବର୍ଷ ବିଦ୍ୟୁତ ନିୟାମକ ଆୟୋଗ ନିର୍ଦ୍ଧାରଣ କରିଥାଆନ୍ତି । ସମୟ ଅନୁସାରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ଘଟିଥାଏ । ନିଜସ୍ୱ ଉତ୍ପାଦନ ଓ ବିନିଯୋଗ କରୁଥିବା ପ୍ରକଳ୍ପ ପରିସରରେ ବିଦ୍ୟୁତ ଶକ୍ତିର ବ୍ୟବହାର କ୍ଷେତ୍ରରେ ଲାଗୁଥିବା ଶୁଳ୍କ ଦରକୁ ବୃଦ୍ଧି କରାଯିବ । ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି ମିଳିଛି । ଏହି ବ୍ୟବସ୍ଥା ଦ୍ୱାରା ସରକାର ଅଧିକ ଅର୍ଥ ଉପାର୍ଜନ କରିପାରିବେ । ଏହା ବୈଦ୍ୟୁତିକ ଭିତ୍ତିଭୂମିର ବିକାଶରେ ସହାୟକ ହେବ । ଅଭାବୀ ବିକ୍ରି ରୋକିବାକୁ ମୁଗ ଉପରୁ ମୂଲ୍ୟଯୁକ୍ତ କର ଛାଡ କରାଯାଇଛି । ଏହାଦ୍ୱାରା ସରକାର ୨କୋଟି ଟଙ୍କା କ୍ଷତି ସହିବେ । ମୁଗ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ଏଣିକି ମାର୍କଫେଡ ଜରିଆରେ ଚାଷୀଙ୍କ ଠାରୁ ୫୨ଟଙ୍କା ୨୫ ପଇସା ମୂଲ୍ୟରେ ମୁଗ କିଣାଯିବ । ଚାଷୀଙ୍କୁ ଅଭାବୀ ବିକ୍ରିରୁ ଦୂରେଇ ରଖିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସମର୍ଥିତ ମୂଲ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାରଙ୍କ ଅନୁମତି ➤ ପୃ-୭

ଭିତର ପୃଷ୍ଠାରେ...

ଅଧିକ ପାଣ୍ଠି ଓ ଫୋର୍ସ ନବୀନଙ୍କ ଦାବି
ଶ୍ରୀଜଗନ୍ନାଥଙ୍କ ଖାତାକୁ ଫେରିଲା ୧୧ ଏକର
ଚିନ୍ତାର ବିଷୟ
ମାଟିରୁ ଅନ୍ତରୀକ୍ଷ
ଆରମ୍ଭ ହେବ +୨ ଘରୋଇ କଲେଜର ଯାଞ୍ଚ
ଆକାଶପଥର ରହସ୍ୟ

ତାଙ୍କର ଦେଖେଇଲେଣି, ଆମର ବି ଦେଖା

ଭୁବନେଶ୍ୱର : ଓଡ଼ିଶାରେ ସାଂପ୍ରତିକ ରାଜନୈତିକ ପାଣିପାଗ ଦେଖିଲେ ଏହା ଗାଁ-ଗାଁରେ ଘଟୁଥିବା ମାଇପି କଳି ଭଳି ମନେହେଉଛି । ଗାଁର ମହିଳାମାନେ କଳି ଲାଗିବା ଏକ ସାଧାରଣ ଘଟଣା । ଏହି କଳିର ମୂଳରେ ଚେନ୍ନାଏ ଦାମ୍ ନ ଥିଲେ ବି କଳି ଭୟଙ୍କର ହୋଇଥାଏ । ଏମିତି ଏକ ଗାଁରେ ଦୁଇଜଣ ମହିଳା କଳିରେ ମାତିଥାନ୍ତି । କଳି କେବଳ ବାକ୍ୟବାଣରେ ସୀମିତ ନ ରହି ଗାଳିଗୁଲଜ ଓ ଚୁଟିଘୋଷରା ପର୍ଯ୍ୟନ୍ତ ଚାଲିଗଲା । ସକାଳୁ ସକାଳୁ ଦୁଇଜଣଙ୍କ ଏଭଳି ପାଟିତୁଣ୍ଡ ଶୁଣି ପ୍ରଥମ ମହିଳାଙ୍କ ସ୍

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଏ ସପ୍ତାହର ରାଶିଫଳ

ସପ୍ତାହର ପ୍ରଥମାର୍ଦ୍ଧରେ ଅଶୁଭ ଓ ହତାଶା, ଦ୍ୱିତୀୟାର୍ଦ୍ଧରେ ମଧ୍ୟମଫଳ ଏବଂ ଶନିବାର ଧନଯୋଗ ରହିଛି । ତେଣୁ ପ୍ରଥମାର୍ଦ୍ଧରେ ବିଶେଷ ସାବଧାନତା ଅବଲମ୍ବନ କରିବା ଉଚିତ ।

ଅଷ୍ଟମସ୍ଥ ଚନ୍ଦ୍ର ହେତୁ ଏ ସପ୍ତାହର ପ୍ରଥମାର୍ଦ୍ଧରେ ଦୁର୍ଘଟଣାଜନିତ ଭୟ ରହିଛି । ଦ୍ୱିତୀୟାର୍ଦ୍ଧରେ ଅର୍ଥପ୍ରାପ୍ତି ହେବା ସହିତ କେତେକ କାରଣକୁ ନେଇ ଚିନ୍ତା ମଧ୍ୟ ଲାଗିରହିପାରେ ।

ସପ୍ତାହର ପ୍ରଥମାର୍ଦ୍ଧରେ ପ୍ରୀତି ସମ୍ବନ୍ଧରେ ଭଲ ଫଳ ରହିବ । ଦ୍ୱିତୀୟାର୍ଦ୍ଧରେ ଶୁଭାଶୁଭ ମିଶ୍ରିତ ଫଳ ପାଇବେ । ତେଣୁ ଏହି ରାଶିର ଲୋକଙ୍କ ପାଇଁ ମୋଟାମୋଟି ଭାବେ ଏ ସପ୍ତାହଟି ଭଲ ରହିବ ।

ଏ ସପ୍ତାହଟି ଆପଣଙ୍କ ପାଇଁ ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତି ରହିଛି । ଧନପ୍ରାପ୍ତି, ପ୍ରୀତିଯୋଗ, ବନ୍ଧୁମିଳନ, ଚାକିରୀଯୋଗ ରହିଛି । ଛାତ୍ରଛାତ୍ରୀମାନେ ମଧ୍ୟ ଅନୁରୂପ ଫଳାଫଳ ପାଇବେ ।

ରବିବାରରୁ ଶୁକ୍ରବାର ବିଭିନ୍ନ ଦିଗରୁ ଅଶୁଭକାରକ ରହିଛି । ତେଣୁ ଏହିଦିନମାନଙ୍କରେ ବିଶେଷ ସାବଧାନତା ଅବଲମ୍ବନ କରିବା ଉଚିତ । ତେବେ ଶନିବାର କର୍ମରେ ଆନନ୍ଦ ଅର୍ଥ ଯୋଗ ରହିଛି ।

ରବିବାରରୁ ମଙ୍ଗଳବାର କଳହ ଯୋଗ ଲାଗିରହିଛି । ତେବେ କଳହରୁ ବି ଲାଭବାନ ହେବେ । ଅପରପକ୍ଷେ ବୁଧବାରରୁ ଶନିବାର ଉଭୟ ଅର୍ଥ ଓ ସମ୍ମାନ ଯୋଗ ରହିଛି ।

ରବିବାରରୁ ବୁଧବାର ପର୍ଯ୍ୟନ୍ତ ଶୁଭାଶୁଭ ମିଶ୍ରିତ ଫଳ ରହିଛି । ତେବେ ଗୁରୁବାରରୁ ଶନିବାର ପର୍ଯ୍ୟନ୍ତ ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତି ଯୋଗ ରହିଛି । ମୋଟାମୋଟି ଭାବେ ସପ୍ତାହଟି ଭଲ ରହିବ ।

ଏ ସପ୍ତାହଟି ବିଶେଷ ଲାଭବାନ ହୋଇ ନ ପାରେ । କେବଳ ରବିବାର ଓ ଗୁରୁବାର ଶୁଭଫଳ ପାଇବେ । ଅନ୍ୟବାରଗୁଡ଼ିକରେ ଅଶୁଭ ସୂଚନା ରହିଥିବାରୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ।

ରବିବାରରୁ ମଙ୍ଗଳବାର ଲକ୍ଷ୍ମୀପ୍ରାପ୍ତି ଯୋଗ ରହିଛି । ଆଶା ନ ଥିବା ସ୍ଥାନରୁ ବି ଅର୍ଥ ମିଳିପାରେ । ତେବେ ଏସବୁ ବ୍ୟତୀତ ଅନ୍ୟବାରଗୁଡ଼ିକ ଅଶୁଭ ସୂଚନା ରହିଛି । ବିଶେଷକରି କଳହ ଓ ମତାନ୍ତର ଲାଗିପାରେ ।

ରବିବାର ଓ ସୋମବାର ଅଶୁଭ ସୂଚନା । ବନ୍ଧନ ଭୟ ରହିଥିବା ବେଳେ ବ୍ୟୟବୃଦ୍ଧି ହୋଇପାରେ । ମଙ୍ଗଳରୁ ଗୁରୁବାର ଧନପ୍ରାପ୍ତି ଓ ସମ୍ମାନ ପ୍ରାପ୍ତି ସହ ଚୋରିଭୟ ରହିଛି । ଉଭୟ ଶୁକ୍ର, ଶନିବାର ଅଶୁଭ, ଅଶାନ୍ତି ଯୋଗ ।

ଏ ସପ୍ତାହଟି ଆପଣଙ୍କ ପାଇଁ ସବୁ ଦୃଷ୍ଟିରୁ ଶୁଭାଶୁଭ । ସପ୍ତାହର ପ୍ରାୟ ସବୁଦିନ ଆପଣଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଅପେକ୍ଷାରେ ରହିବ । ଏମିତିକି ଶୁଭଫଳ ପ୍ରାପ୍ତି ଯୋଗ ରହିଛି ।

ଏହି ସପ୍ତାହଟି ଆପଣ ସବୁ ଦିଗରୁ ଶୁଭଫଳ ପାଇବେ । ମାତ୍ର ଉତ୍ତରଭାଦ୍ର ମୀନରାଶି ପାଇଁ ଗୁରୁବାରଟି ଅଶୁଭ । ତେଣୁ ସାମାନ୍ୟ ସତର୍କତା ଅବଲମ୍ବନ କରିବା ଉଚିତ ।

ଚନ୍ଦ୍ରଶେଖର ମିଶ୍ର (ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ)
କାକଟପୁର, ପୁରୀ, ମୋ-୯୭୭୭୦୬୩୪୧୧

ନୂଆଦିଲ୍ଲୀରେ ମାଓଦମନ ଅଭିଯାନ ବୈଠକ

ଅଧିକ ପାଣ୍ଠି ଓ ଫୋର୍ସ ନବୀନଙ୍କ ଦାବି

ନୂଆଦିଲ୍ଲୀ : ମାଓ ଦମନ ଅଭିଯାନକୁ ଜୋରଦାର କରିବା ସମ୍ପର୍କରେ ରାଜ୍ୟର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନୂଆଦିଲ୍ଲୀରେ ମାଓପ୍ରବଣ ରାଜ୍ୟମାନଙ୍କ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିକଟରେ ଛତିଶଗଡ଼ର ସୁକ୍‌ମାରେ ସୁରକ୍ଷା ବାହିନୀ ଉପରେ ମାଓବାଦୀଙ୍କ ଆକ୍ରମଣ ଚିନ୍ତାର ବିଷୟ । ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ମାଓବାଦୀମାନେ ବିପଦ ସୃଷ୍ଟି କରିଛନ୍ତି । ସେମାନଙ୍କୁ ଦମନ କରିବା ଲାଗି ରଣନୀତିର ସମୀକ୍ଷା ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି । ମାଓ ମୁକାବିଲା ଲାଗି ତାଙ୍କ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଫଳାଫଳ ସନ୍ତୋଷଜନକ ରହିଛି । ସଂଗଠନର କର୍ମକର୍ତ୍ତା ଓ ମିଲିସିଆମାନେ ସମୂହ ଭାବେ ଆତ୍ମସମର୍ପଣ କରୁଛନ୍ତି । ଗତ ତିନିବର୍ଷରେ ୨୦୩ଜଣ ସିପିଆଇ (ଏମ୍) ମାଓବାଦୀ ଓ ହାର୍ଡକୋର ମିଲିସିଆ ରାଜ୍ୟରେ ଆତ୍ମସମର୍ପଣ କରିଥିଲେ । ରାଜ୍ୟ ସରକାରଙ୍କ ଆସ୍ଥା ସୃଷ୍ଟିକାରୀ ପଦକ୍ଷେପ, ଆତ୍ମସମର୍ପଣ ଓ ଥଇଥାନ ନୀତି ଦ୍ୱାରା ଅନେକ ସଂଖ୍ୟାରେ ମାଓବାଦୀମାନେ ଆତ୍ମସମର୍ପଣ କରିଥିଲେ । ଗତବର୍ଷ ସୁରକ୍ଷାବାହିନୀ କାର୍ଯ୍ୟାନୁଷ୍ଠାନର ୩୯ଜଣ ମାଓବାଦୀ ପ୍ରାଣ ହରାଇଥିବା ବେଳେ ୩୫ଜଣଙ୍କୁ ଗିରଫ କରାଯାଇଥିଲା । ଚଳିତବର୍ଷ ଜଣେ ମାଓବାଦୀ ପ୍ରାଣ ହରାଇଥିବା ବେଳେ ୧୦ଜଣଙ୍କୁ ଗିରଫ କରାଯାଇଛି । ଏହାପରେ ମୁଖ୍ୟମନ୍ତ୍ରୀ ମାଓ ଦମନ

ଅଭିଯାନକୁ ଆହୁରି ଜୋରଦାର କରିବା ପାଇଁ କେନ୍ଦ୍ରର ସହାୟତା ଲୋଡିଥିଲେ । ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରର ସୀମାରେ ମାଓ ବିରୋଧୀ ଅଭିଯାନ ଜୋରଦାର କରିବା ପାଇଁ ୨ ବାଟାଲିୟନ ଅତିରିକ୍ତ କେନ୍ଦ୍ରୀୟ ବଳ ସହାୟତା ଦାବି କରିଥିଲେ । ନିକଟରେ ସୀମାବର୍ତ୍ତୀ ଅଞ୍ଚଳମାନଙ୍କରେ ମାଓବାଦୀ ଗତିବିଧି ବୃଦ୍ଧି ହେଉଥିବା ବେଳେ ସେଠାରେ ଆବଶ୍ୟକ ସଂଖ୍ୟାରେ କେନ୍ଦ୍ରୀୟ ବଳ ମୁତୟନ ହେଉନାହିଁ । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ, ଆମ ଯବାନମାନେ ଆଭ୍ୟନ୍ତରୀଣ ଅଞ୍ଚଳରେ ଦେଶର ସୁରକ୍ଷା ଯଜ୍ଞରେ ନିଜକୁ ଆହୁତି ଦେଉଛନ୍ତି । ସେମାନଙ୍କ ବଳିଦାନ ବ୍ୟର୍ଥ ଯିବନି । ସେହି ଦିନ ଖୁବ୍ ଶୀଘ୍ର ଆସିବ ଯେତେବେଳେ କି ଉଗ୍ରବାଦୀଙ୍କ ହିଂସା ସମ୍ପୂର୍ଣ୍ଣ ଲୋପ ପାଇଯିବ । ରାଜ୍ୟଗୁଡ଼ିକୁ ଏ କ୍ଷେତ୍ରରେ ଦିଆଯାଉଥିବା ସହାୟତା କଥା ଉଲ୍ଲେଖ କରି ରାଜନାଥ କହିଲେ ଯେ, ବିଭିନ୍ନ ବାମପନ୍ଥୀ ଉଗ୍ରବାଦୀ ଅଧ୍ୟୁଷିତ ରାଜ୍ୟରେ ୧୧୮ ବାଟାଲିଅନ କେନ୍ଦ୍ରୀୟ ବଳ ମୁତୟନ କରାଯାଇଛି । ଏହାବାଦ୍ ଇଣ୍ଡିଆ ରିଜର୍ଭ ବାଟାଲିଅନ ଏବଂ ଏସ୍‌ଆଇଆର୍‌ବି ଗଠନ ପାଇଁ ମଧ୍ୟ ରାଜ୍ୟଗୁଡ଼ିକୁ ସହାୟତା ଦିଆଯାଇଛି । ଏହାବାଦ୍ ୧୦ଟି କୋବ୍ରା ବାଟାଲିଅନ ମଧ୍ୟ ଅତିରିକ୍ତ ଭାବେ ମୁତୟନ କରାଯାଇଛି । ବିଗତ କେଇ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ୧୦ଟି ରାଜ୍ୟର ୧୦୬ଟି ଜିଲ୍ଲାରେ କେନ୍ଦ୍ରୀୟ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ୨୦୧୬-୧୭ରେ ୨୧୦ କୋଟି ଟଙ୍କା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇସାରିଛି । ସ୍ୱତନ୍ତ୍ର ଯୋଜନାରେ ୬ଟି ରାଜ୍ୟର ପୁଲିସ ଦୃଢ଼ୀକରଣ ପାଇଁ ୧୨୨.୧୩ କୋଟି ଟଙ୍କା ଦିଆଯାଇଛି । ୬ଟି ରାଜ୍ୟରେ ୧୬ଟି ପୁଲିସ ଟ୍ରେନିଂ ସ୍କୁଲ ପାଇଁ ୨୪ କୋଟି ଟଙ୍କା ଦିଆଯାଇଛି । ପ୍ରତି ବର୍ଷ ସେନା ଓ ଗ୍ରେହାଉଣ୍ଡ ଦ୍ୱାରା ୪ ହଜାର ପୁଲିସଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ୧୦ଟି ରାଜ୍ୟରେ ୪ ଶହ ଥାନାର ଉନ୍ନତିକରଣ ନିମନ୍ତେ କେନ୍ଦ୍ର ସରକାର ୬୨୪ କୋଟି ଟଙ୍କା ଦେଇଛନ୍ତି । ବାମପନ୍ଥୀ ଅଧ୍ୟୁଷିତ ରାଜ୍ୟ ଗୁଡ଼ିକରେ ୫୬ଟି ଇଣ୍ଡିଆ ରିଜର୍ଭ ବାଟାଲିଅନ ଏବଂ ୧୦ଟି ଏସ୍‌ଆଇଆରବି ଗଠନ ପାଇଁ ସହାୟତା ଦିଆଯାଇଛି । ଏହାବାଦ୍ ୨୦ଟି ଆଇଆର୍‌ବି ଏବଂ ୬ଟି ଏସ୍‌ଆଇଆର ବାଟାଲିଅନ ଗଠନ ପାଇଁ ଉଦ୍ୟମ ଚାଲିଛି । ଇଞ୍ଜିନିୟରିଂ ସେକ୍ଟନରେ ମଧ୍ୟ ୨ଟି ବାଟାଲିଅନ ଗଠନ ହେବା ପ୍ରସ୍ତାବ ରହିଛି । ଆଜିର ବୈଠକ ବାମପନ୍ଥୀ ଉଗ୍ରବାଦୀଙ୍କ ମୁକାବିଲାରେ ବେଶ୍ ସହାୟକ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଆଶା ପ୍ରକାଶ କରିଥିଲେ । ଏହି ବୈଠକରେ ଓଡ଼ିଶା, ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ ଓ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲା ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗ ଦେଇନଥିଲେ । ଏହାଛଡ଼ା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀମାନେ, ଜାତୀୟ ନିରାପତ୍ତା ପରାମର୍ଶଦାତା, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, କେନ୍ଦ୍ର ପ୍ରତିରକ୍ଷା ସଚିବ, କେନ୍ଦ୍ରୀୟ ସଶସ୍ତ୍ର ବଳର ନିର୍ଦ୍ଦେଶକମାନେ ଯୋଗ ଦେଇଥିଲେ ।

ବ୍ରିଟେନର ସବୁଠୁ ଧନୀ ମହିଳା ବେର୍ଟାରେଲି

ଲଣ୍ଡନ : ବ୍ରିଟେନର ପୂର୍ବତନ ବିଉଟି କୁଇନ୍ କିର୍ଷ୍ଟି ବେର୍ଟାରେଲି ଏବେ ଦେଶର ସବୁଠାରୁ ଧନୀ ମହିଳାରେ ପରିଣତ ହୋଇଛନ୍ତି । ତାଙ୍କର ସମ୍ପତ୍ତି ବ୍ରିଟେନ ରାଣୀଙ୍କ ସମ୍ପତ୍ତିକୁ ଟପିଯାଇଛି । ଏପରିକି ଧନଶାଳୀ ପପ୍ ଷ୍ଟାର ଆଡିଲି ଓ ହ୍ୟାରି ପୋଟର ଲେଖିକା ଜେକେ ରୋଲିଂଙ୍କ ମିଳିତ ସମ୍ପତ୍ତିଠାରୁ ମଧ୍ୟ ଏହା ଅଧିକ ହୋଇଥିବା ଜଣାପଡିଛି । ୪୫ ବର୍ଷ ବୟସ୍କା କିର୍ଷ୍ଟି ପ୍ରଚୁର ଘୋଡା ଓ ପ୍ରାଇଭେଟ୍ ଜେଟ୍ ସହ ଏକ ବଡ ସୌଖିନ ଜଳଜାହାଜର ମାଲିକାଣି ହୋଇଛନ୍ତି । ସୁଇଜରଲାଣ୍ଡର ଜୈବ-ପ୍ରଯୁକ୍ତି ବିଦ୍ୟା ଶିଳ୍ପପତି ଏର୍ଣ୍ଣେଷ୍ଟୋଙ୍କୁ ବିବାହ କରିବା ପରେ ଏହି ଦମ୍ପତିଙ୍କର ସମ୍ପତ୍ତିର ମୂଲ୍ୟ ୧୧.୫ ଶହ କୋଟି ପାଉଣ୍ଡ ବୋଲି ସଣ୍ଡେ ଟାଇମସ୍ ଦ୍ୱାରା ପ୍ରକାଶିତ ତାଲିକାରେ ଦର୍ଶାଯାଇଛି । ଏବେ କିର୍ଷ୍ଟି ଜଣେ ପପ୍ ଷ୍ଟାର ହେବାକୁ ଲକ୍ଷ୍ୟ ରଖିଥିବା ଜଣାପଡିଛି ।

କର୍ଣ୍ଣନଙ୍କ କ୍ଷମା ଆବେଦନ ଖାରଜ

ନୂଆଦିଲ୍ଲୀ : ଅଦାଲତ ଅବମାନନା ମାମଲାରେ ଦଣ୍ଡିତ ହୋଇ ଫେରାର ଥିବା କୋଲକାତା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସିଏସ୍ କର୍ଣ୍ଣନ୍ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ନିଃସର୍ତ୍ତ କ୍ଷମା ମାଗିବାକୁ ଚାହିଁଛନ୍ତି । ତାଙ୍କ ଓକିଲ ମାଥ୍ୟୁସ୍ ନେଦୁମ୍ପରା ସର୍ବୋଚ୍ଚ କୋର୍ଟଙ୍କୁ ଏହା ଜଣାଇଛନ୍ତି । ତା'ସହିତ ଜଷ୍ଟିସ କର୍ଣ୍ଣନଙ୍କ ଗିରଫ ଆଦେଶ ଉପରେ ରୋକ୍ ଲଗାଇବାକୁ ସେ ଅନୁରୋଧ କରିଛନ୍ତି । ତେବେ ଜଷ୍ଟିସ୍ କର୍ଣ୍ଣନଙ୍କ ଓକିଲଙ୍କ ଏଭଳି ଅନୁରୋଧକୁ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଜେଏସ୍ ଖେହର ଖାରଜ କରି ଦେଇଛନ୍ତି । ତାଙ୍କୁ ବିଧିବଦ୍ଧ ଭାବେ କୋର୍ଟରେ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ପ୍ରଥମେ କର୍ଣ୍ଣନ୍ ଆବେଦନ କରନ୍ତୁ, ଯେବେ ସମସ୍ତେ ୭ଜଣ ବିଚାରପତି ଉପଲବ୍ଧ ହେବେ ସେତେବେଳେ ତାଙ୍କର ଏହି ଆବେଦନ ଉପରେ ଶୁଣାଣି କରାଯିବ । ଏଥିସହିତ ସେ ପ୍ରକୃତରେ ଜଷ୍ଟିସ କର୍ଣ୍ଣନ୍‌ଙ୍କ ଓକିଲ କି ନୁହନ୍ତି, ସେ ବିଷୟରେ ୱକାଲତନାମା ଓ ସ୍ୱୀକୃତିପ୍ରାପ୍ତ ଚିଠି ଦାଖଲ କରିବାକୁ ମଧ୍ୟ ଜଷ୍ଟିସ ଖେହର ଆଡଭୋକେଟ୍ ନେଦୁମ୍ପରାକୁ କହିଛନ୍ତି । ନେଦୁମ୍ପରା ମଧ୍ୟ ଏ ସଂକ୍ରାନ୍ତ ୱକାଲତନାମା ଓ ଚିଠି ତାଙ୍କ ପାଖରେ ଥିବା ଦର୍ଶାଇଛନ୍ତି । ଅଦାଲତ ଅବମାନନା ମାମଲାରେ ଗତ ୯ ତାରିଖରେ ସୁପ୍ରିମ୍‌କୋର୍ଯ ଜଷ୍ଟିସ କର୍ଣ୍ଣନ୍‌ଙ୍କୁ ୬ ମାସ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ । ତାଙ୍କୁ ତୁରନ୍ତ ଗିରଫ କରିବାକୁ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସେବେଠାରୁ ଜଷ୍ଟିସ କର୍ଣ୍ଣନ୍ ଫେରାର ଅଛନ୍ତି । ଜେଲ୍‌ଦଣ୍ଡ ପାଇବାରେ ଜଷ୍ଟିସ କର୍ଣ୍ଣନ୍ ହେଉଛନ୍ତି ହାଇକୋର୍ଟର ପ୍ରଥମ କାର୍ଯ୍ୟକାରୀ ବିଚାରପତି । ତେବେ ଗତକାଲି ସେ ତାଙ୍କ ଓକିଲଙ୍କ ଜରିଆରେ ଜେଲଦଣ୍ଡ ଆଦେଶ ପ୍ରତ୍ୟାହାର କରିବା ଲାଗି ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରିଥିଲେ । ଜଷ୍ଟିସ ଖେହରଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠ ଏହାଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି ।

'ତିନି ତଲାକ୍ ଛାଡ଼ପତ୍ରର ସବୁଠୁ ଖରାପ ବ୍ୟବସ୍ଥା'

ନୂଆଦିଲ୍ଲୀ : ମୁସଲମାନ ସଂପ୍ରଦାୟରେ ପ୍ରଚଳିତ ତିନି ତଲାକ୍ ବ୍ୟବସ୍ଥା ଛାଡ଼ପତ୍ର କ୍ଷେତ୍ରରେ ସବୁଠୁ ଖରାପ ଓ ଅଗ୍ରହଣୀୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ତିନିଥର ତଲାକ୍ କହି ପତ୍ନୀକୁ ଛାଡ଼ପତ୍ର ଦିଆଯାଉଥିବା ପ୍ରଥାର ସାମ୍ବିଧାନିକ ବୈଧତା ନେଇ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି କରିଛନ୍ତି । ପ୍ରଧାନ ବିଚାରପତି ଜେ.ଏସ୍. ଖେହରଙ୍କ ଅଧ୍ୟକ୍ଷତାରେ ଦେଶର ୫ ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ଗତକାଲିଠାରୁ ଏହାର ଶୁଣାଣି ଆରମ୍ଭ କରିଥିବା ବେଳେ ଏହା ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ପାକିସ୍ତାନ, ଆଫଗାନିସ୍ତାନ, ମରକ୍କୋ ଓ ସାଉଦି ଆରବ ଆଦି ବହୁ ଦେଶରେ ତିନିତଲାକ ପ୍ରଥାର ପ୍ରଚଳନ ନାହିଁ ।

ଇରାନର ଚେତାବନୀ

ପାକ୍‌ରେ ପଶି ଆତଙ୍କବାଦୀଙ୍କୁ ମାରିବୁ

ତେହରାନ : ପାକିସ୍ତାନ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବାରୁ ଇରାନ୍ ପାଇଁ ବିପଦ ସୃଷ୍ଟି ହୋଇଛି । ଏହାର ମୁକାବିଲା ପାଇଁ ଆବଶ୍ୟକସ୍ଥଳେ ଇରାନ୍ ପାକିସ୍ତାନରେ ପଶି ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବ ବୋଲି ଇରାନ୍ ସେନାମୁଖ୍ୟ ଚେତାବନୀ ଦେଇଛନ୍ତି । ଗତମାସରେ ଇରାନ୍ ସୀମାରେ ୧୦ଜଣ ସୁରକ୍ଷା କର୍ମୀଙ୍କୁ ପାକିସ୍ତାନୀ ଆତଙ୍କବାଦୀ ହତ୍ୟା କରିଥିବାରୁ ଏହାର ପ୍ରତିଶୋଧ ନେବାକୁ ଇରାନ ପ୍ରସ୍ତୁତ ହେଉଛି । ପାକିସ୍ତାନରେ ଚାଲିଥିବା ଆତଙ୍କବାଦୀ ଶିବିରଗୁଡିକ ଇରାନ୍ ପାଇଁ ଏବେ ବିପଦର କାରଣ ହୋଇଛି ଏବଂ ଏହାକୁ ମୂଳପୋଛ କରିବାକୁ ପାକିସ୍ତାନ ପଦକ୍ଷେପ ନନେଲେ ଇରାନ୍ ସେଗୁଡିକୁ ଧ୍ୱଂସ କରିବାକୁ ପଛାଇବ ନାହିଁ ବୋଲି ଇରାନ୍ ସେନାଧକ୍ଷ ମେଜର ଜେନେରାଲ ମହମ୍ମଦ ବାକେରି କହିଛନ୍ତି । ପାକିସ୍ତାନ ସରକାର ସୀମାରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ କଠୋର ପଦକ୍ଷେପ ନେବା ସହ ସବୁ ଶିବିର ଯେଭଳି ବନ୍ଦ ହେବ ତାହା ସୁନିଶ୍ଚିତ କରିବାକୁ ଇରାନ ବିଦେଶ ମନ୍ତ୍ରୀ ମହମ୍ମଦ ଜାଭେଦ ଜାରିଫ୍ କହିଛନ୍ତି । ସେ ପାକିସ୍ତାନ ଗସ୍ତ କରି ଏ ବାବଦରେ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କ ସହ ଆଲୋଚନା କରିଛନ୍ତି । ଇରାନ୍ ସୀମାରେ ପାକିସ୍ତାନ ଅଧିକ ସେନା ମୁତୟନ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଇରାନ-ପାକିସ୍ତାନ ସୀମାରେ ପ୍ରାୟ ୨ ହଜାର ଆତଙ୍କବାଦୀ ସକ୍ରିୟ ଥିବାରୁ ଏହାକୁ ଏକ ବଡ଼ ବିପଦ ଭାବେ ଇରାନ୍ ଗ୍ରହଣ କରିଛି ।

ଜୁଲାଇରେ ବିବାହ କରିବେ ଆଇରନ୍ ଲେଡି

ଇମ୍ଫାଲ : ଦୀର୍ଘ ୧୬ ବର୍ଷ କାଳ ଅନଶନ କରିଥିବା ମଣିପୁରର ପ୍ରଖ୍ୟାତ ମାନବାଧିକାର କର୍ମୀ ତଥା ଆଇରନ ଲେଡ଼ି ଭାବରେ ପରିଚିତ ଇରମ ଶର୍ମିଳା ରାଜନୀତିରେ ବିଫଳ ହେବା ପରେ ଏବେ ବିବାହ କରିବାକୁ ମନସ୍ଥ କରିଛନ୍ତି । ଆସନ୍ତା ଜୁଲାଇ ମାସ ଶେଷ ସପ୍ତାହରେ ତାଙ୍କ ତାଙ୍କର ପୁରୁଣା ବ୍ରିଟିଶ ବନ୍ଧୁ ଡେସମଣ୍ଡ କୋଟିନୋଙ୍କୁ ବିବାହ କରିବେ । ନିଜର ରକ୍ଷଣଶୀଳ ସମାଜ ତଥା ପରିବାର ଏଭଳି ବିବାହକୁ ପସନ୍ଦ କରୁ ନ ଥିବାରୁ ସେମାନେ ତାମିଲନାଡୁରେ ବିବାହ କରିବେ ଓ ସେହିଠାରେ ହିଁ ଭବିଷ୍ୟତ ଜୀବନ ବିତାଇବେ ବୋଲି ଶର୍ମିଳା ଘୋଷଣା କରିଛନ୍ତି । ଡେସମଣ୍ଡ ଗୋଆର ମୂଳବାସିନ୍ଦା ହୋଇଥିଲେ ମଧ୍ୟ ତାଙ୍କ ପରିବାର ବ୍ରିଟେନ୍‌ରେ ବସବାସ କରନ୍ତି । ତେବେ ସେ ନିଜ ପରିବାର ସହିତ ଏ ସମ୍ପର୍କରେ ଆଲୋଚନା କରିନାହାନ୍ତି; ଶୀଘ୍ର ମା'ଙ୍କ ସହ ଭବିଷ୍ୟତ ଯୋଜନା ସମ୍ପର୍କରେ କଥାହେବେ ବୋଲି ସେ କହିଛନ୍ତି । ନିର୍ବାଚନ ବିପର୍ଯ୍ୟୟ ପରେ ସେ ତାମିଲନାଡୁରେ ବସବ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 15th -21st May, 2017
ଭୁବନେଶ୍ୱର, ୧୫-୨୧ ମଇ, ୨୦୧୭

ଶ୍ରୀମନ୍ଦିର ଜମି ଜବରଦଖଲ ମାମଲା

ଖାତାକୁ ଫେରିଲା ୧୧ ଏକର

ପୁରୀ : ବେଆଇନ ଭାବେ କିଛି ଲୋକଙ୍କ ଦଖଲକୁ ଚାଲିଯାଇଥିବା ମହାପ୍ରଭୁଙ୍କ ଜମିକୁ ଫେରାଇ ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ କରିଥିବା ଆବେଦନର ଦୀର୍ଘ ୧୭ ବର୍ଷ ପରେ ରାୟ ପ୍ରକାଶ ପାଇଛି। ଓଡ଼ିଶା ଜମିଦାରି ଉଚ୍ଛେଦ ଆଇନ୍ (ଓଇଏ) ତହସିଲଦାରଙ୍କ କୋର୍ଟରେ ଚାଲିଥିବା ଏହି ଶୁଣାଣିର ଐତିହାସିକ ରାୟରେ ଶ୍ରୀମନ୍ଦିର ପ୍ରଶାସନ ଖାତାକୁ ବେବନ୍ଦୋବସ୍ତ ଥିବା ୧୧ ଏକର ୧୪୩ ଡିସିମିଲ ଜମି ଫେରିଛି। ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ଶ୍ରୀକ୍ଷେତ୍ର ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟିଙ୍କ ନାମରେ ସ୍ଥିତିବାନ ସ୍ୱତ୍ୱରେ ଏହି ଜମି ରେକର୍ଡଭୁକ୍ତ ହୋଇଛି। ଏଥିପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ଏକର ପିଛା ୨୨୫୦ ଟଙ୍କା ସଲାମୀ ଦେବ ଏବଂ ୧୯୭୪ ମସିହା ମାର୍ଚ୍ଚ ୧୮ ତାରିଖ ଠାରୁ ପଛୁଆ ଦେୟ ହିସାବ କରି ପ୍ରଦାନ କରିବାକୁ ଆଦେଶ ହୋଇଛି। ସେହିଭଳି ୪.୩୪୧ ଏକର ଜମି ସରକାରୀ ଖାତାକୁ ଚାଲିଆସିଛି। ଦୀର୍ଘଦିନ ଧରି ଏହି ଜମି ରାସ୍ତା, ଶ୍ମଶାନ ଓ ହାଡିଗୋହିରୀ ଭାବରେ ବ୍ୟବହୃତ ହେଉଥିବାରୁ ଏହି ରେକର୍ଡ଼ ସଂଶୋଧନ କରାଯାଇଛି। ଅନ୍ୟ ୧୪.୬୨୬ ଏକର

ଜମି ଶଙ୍କରାଚାର୍ଯ୍ୟ ମଠ ସମେତ ୨୬୦ ଜଣଙ୍କ ନାମରେ ସ୍ଥିତିବାନ ହୋଇଥିବା ଜଣାପଡିଛି। ସେଥିରୁ ପାଖାପାଖି ୮ ଏକର ଜମି ବେଆଇନ ଭାବରେ ହସ୍ତାନ୍ତର ହୋଇଥିବା ସ୍ପଷ୍ଟ ପ୍ରମାଣ ମିଳିଛି। ଏହିସବୁ ଜମି ଫେରିବା ପାଇଁ ୨୬୦ ଜଣଙ୍କୁ ନୋଟିସ୍ କରାଯିବ। ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଶୁଣାଣି କରାଯିବା ପରେ ଜମିଗୁଡିକୁ ଶ୍ରୀମନ୍ଦିର ପରିଚାଳନା କମିଟି ମାର୍ଫତ ମହାପ୍ରଭୁଙ୍କ ଖାତାକୁ ଫେରାଇ ନିଆଯିବ। ଏଥିନେଇ ଏମାନଙ୍କୁ ନୋଟିସ୍ ଜାରି କରାଯାଇଛି। ୨୦ ତାରିଖ ପରଠାରୁ ତାରିଖ କରାଯାଇ ଶୁଣାଣି ଆରମ୍ଭ ହେବ। ଶ୍ରୀମନ୍ଦିର ପରିଚାଳନା କମିଟି ଅଧୀନକୁ ଫେରିଥିବା ଜମି ଉପରେ ବଡ଼ ବଡ ବ୍ୟବସାୟୀଙ୍କର ବ୍ୟାବସାୟିକ ପ୍ରତିଷ୍ଠାନ ରହିଛି। ଏହି ଶୁଣାଣି ପରେ ସେମାନେ ଛାନିଆ ହୋଇପଡ଼ିଛନ୍ତି। ତେବେ ଏହି ଶୁଣାଣିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଶ୍ରୀମନ୍ଦିର ପକ୍ଷରୁ ଆଇନଜୀବୀ ରାମପ୍ରସାଦ ଦାଶ କହିଛନ୍ତି ଏହା ପୂର୍ଣ୍ଣାଙ୍ଗ ଶୁଣାଣି ନୁହେଁ। ସମ୍ପୂର୍ଣ୍ଣ ୩୦ ଏକର ୧୧୦ ଡିସିମିଲି ଜମି ଫେରିବା ପାଇଁ ଆବେଦନ କରାଯାଇଛି। ସମସ୍ତ ଶୁଣାଣି ଶେଷ ହେବା ପରେ ଯାହା ପଦକ୍ଷେପ ନିଆଯିବ। ୪ ଏକର ୩୪୧ ଡିସିମିଲ ଜମି ସିଧା ସରକାରୀ ଖାତାକୁ ଚାଲିଯାଇଛି। ଏହା କିଭଳି ଚାଲିଗଲା ତାହାକୁ ଚ୍ୟାଲେଞ୍ଜ କରାଯିବ। ତାଛଡ଼ା ୧୯୯୦ ମସିହାରେ ଏହି ମାମଲା କରାଯାଇଥିଲା। ଏବେ ବେବନ୍ଦୋବସ୍ତ କେଉଁଠୁ ଆସିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ୧୯୯୦ ମସିହାରେ ଶୁଣାଣି କରିଥିଲେ ଏହା ବେବନ୍ଦୋବସ୍ତ ହୋଇନଥାନ୍ତା ବା ଯେଉଁ ସଲାମୀ ଧାର୍ଯ୍ୟ କରାଯାଇଛି ତାହା ହୋଇନଥାନ୍ତା। ଏଣୁ ଏହାକୁ ଚାଲେଞ୍ଜ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି। ସୂଚନାଥାଉ କି ୧୯୯୦ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ଏହି ୩୦ ଏକର ୧୧୦ ଡିସିମିଲ ଜମି ଫେରାଇ ଆଣିବା ପାଇଁ ଓଇଏ କଲେକ୍ଟର ତଥା ତହସିଲଦାରଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାକୁ ତତ୍କାଳୀନ ତହସିଲଦାର ୧୯୯୫ ମସିହାରେ ଖାରଜ କରିଥିଲେ। ୨୦୧୫ ମସିହାରେ ଏଡିଏମ୍ ଏହି ମାମଲାର ରିମାଣ୍ଡ କରି ଶୁଣାଣି ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ୨ ବର୍ଷ ପଡି ରହିବା ପରେ ସ୍ୱର୍ଗଦ୍ୱାରର ୧୬ ଏକର ୪୦୦ ଡିସିମିଲ ଜମି ଦୁର୍ନୀତି ପଦାକୁ ଆସିଥିଲା। ଏଥିରେ ହୋଇଥିବା ଦୁର୍ନୀତିକୁ ଧରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନର ଏହି ଆବେଦନକୁ ବିଚାରକୁ ନିଆଗଲା। ୨୭ ବର୍ଷ ତଳେ ଶ୍ରୀମନ୍ଦିର ପ୍ରଶାସନ କରିଥିବା ଆବେଦନ ଓ ୨ ବର୍ଷ ତଳେ ଏଡିଏମ୍ କରିଥିବା ସୁପାରିସକୁ ବିଚାରକୁ ନିଆଯାଇ ଏକତ୍ର ଶୁଣାଣି ହୋଇ ଅନ୍ତରୀଣ ରାୟ ପ୍ରକାଶ ପାଇଛି। ହେଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିବାରୁ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଛି।

ପୌରାଞ୍ଚଳର ୩୧ ଆବାସ ପ୍ରକଳ୍ପକୁ ମଞ୍ଜୁରି

ତିଆରି ହେବ ୧୦,୬୦୦ ବାସଗୃହ

ଭୁବନେଶ୍ୱର : ରାଜ୍ୟର ୨୮ଟି ପୌରାଞ୍ଚଳରେ ୩୧ଟି ଆବାସ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୦ ହଜାର ୬୦୦ ସହରରେ ବସବାସ କରୁଥିବା ଗରିବଲୋକଙ୍କୁ ନିଜସ୍ୱ ବାସଗୃହ ମିଳିପାରିବ ବୋଲି ଜଣାପଡ଼ିଛି। ଏଭଳି ବାସଗୃହ ପାଇଁ ହିତାଧିକାରୀଙ୍କ ଅଂଶ ବି ବ୍ୟାଙ୍କ ଋଣ ମାଧ୍ୟମରେ ସରକାର ଯୋଗାଇଦେବେ ବୋଲି ନିଷ୍ପତ୍ତି ହୋଇଛି।

ସମସ୍ତଙ୍କୁ ବାସଗୃହ ଦେବା ପାଇଁ ପ୍ରଧାନମନ୍ତ୍ରୀ ବାସଗୃହ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ରାଜ୍ୟର ୪୦ଟି ସହରାଞ୍ଚଳକୁ ସାମିଲ କରାଯାଇଛି। ହିତାଧିକାରୀଙ୍କ ମାଧ୍ୟମରେ ଗୃହନିର୍ମାଣ କରିବା ହେଉଛି ଯୋଜନାର ଲକ୍ଷ୍ୟ। ଏହି ଯୋଜନାର ଅଗ୍ରଗତି ସମ୍ପର୍କରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ରାଜ୍ୟସ୍ତରୀୟ ମଞ୍ଜୁରୀ ଓ ତଦାରଖ କମିଟି ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ କମିଟି ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ରାଉରକେଲା ଭଳି ୨୮ଟି ସହରରେ ୩୧ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ସେଥିମଧ୍ୟରୁ ୨୬ଟି ହିତାଧିକାରୀମାନଙ୍କ ମାଧ୍ୟମରେ ଗୃହନିର୍ମାଣ ପ୍ରକଳ୍ପ। ଗୋଟିଏ ବସ୍ତି ଉନ୍ନୟନ ପ୍ରକଳ୍ପ, ୬ଟି ସୁଲଭମୂଲ୍ୟ ବାସଗୃହ ପ୍ରକଳ୍ପ ରହିଛି। ଏହିସବୁ ପ୍ରକଳ୍ପରେ ମୋଟ ୧୦ ହଜାର ୬୦୦ ବାସଗୃହ ନିର୍ମାଣ କରାଯିବା ଓ ସେତିକି ସଂଖ୍ୟକ ପରିବାରକୁ ସ୍ଥାୟୀ ବାସଗୃହ ଯୋଗାଇ ଦିଆଯିବ। ବୈଠକରେ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍, ଗୃହ ନିର୍ମାଣ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥାନାନ୍, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ସୁରେଶ ମହାପାତ୍ର, ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେ ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଯୁକ୍ତଦୁଇ : ବିକାଶ ଟପ୍ପର

ଭୁବନେଶ୍ୱର : ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ୨୦୧୬ ତୁଳନାରେ ଏଥର ପାସ୍‌ହାର ବୃଦ୍ଧି ପାଇଛି। ପରୀକ୍ଷା ଦେଇଥିବା ୯୦,୬୪୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩,୫୨୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଉଭୟ ରେଗୁଲାର ଏବଂ ଏକ୍ସ-ରେଗୁଲାରରେ ପାସ୍‌ହାର ୮୧.୧୧ ପ୍ରତିଶତ ରହିଛି। ରେଗୁଲାରରେ ୮୨,୧୮୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୮,୮୯୫ ଜଣ ପାସ୍ କରିଛନ୍ତି। ଏକ୍ସ-ରେଗୁଲାରରେ ୮,୪୫୬ ଜଣ ପରୀକ୍ଷା ଦେଇଥିବା ବେଳେ ୪,୬୨୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ରେଗୁଲାରରେ ପାସ୍‌ହାର ୮୩.୮୨ ପ୍ରତିଶତ ରହିଥିବା ବେଳେ ଏକ୍ସ-ରେଗୁଲାରରେ ୫୪.୭୩ ପ୍ରତିଶତ ରହିଛି। ପାସ୍‌ହାର ବୃଦ୍ଧି ପାଇଥିଲେ ମଧ୍ୟ ଏଥର ମେଧାବୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଗତଥର ତୁଳନାରେ ହ୍ରାସ ପାଇଛି। ପ୍ରତିଥର ପରି ଏଥର ମଧ୍ୟ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ତେବେ ମେଧାବୀ ତାଲିକାରେ ଛାତ୍ରମାନେ ଛାତ୍ରୀଙ୍କଠାରୁ ଆଗରେ ରହିଛନ୍ତି। ସମ୍ବଲପୁରସ୍ଥିତ ନ୍ୟୁଟନ୍ କଲେଜର ଛାତ୍ର ବିକାଶ ମେହେର ୫୫୫ ନମ୍ବର ରଖି ଟପ୍ପର ହୋଇଛନ୍ତି। ବିକାଶଙ୍କ ଘର ସୋନପୁର ଜିଲ୍ଲା ଉଲୁଣ୍ଡା ନିକଟସ୍ଥ ପାଞ୍ଚମହଲା ଗାଁରେ।

ବିକାଶ ମେହେର

ଆଉ ୪ କେନ୍ଦ୍ରୀୟ ବିଦ୍ୟାଳୟକୁ କେନ୍ଦ୍ରର ମଞ୍ଜୁରି

ଭୁବନେଶ୍ୱର : ଓଡ଼ିଶାରେ ଅତି କମ୍‌ରେ ୪ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଥିବା ବେଳେ କେନ୍ଦ୍ର ସରକାର ଏହାକୁ ମଞ୍ଜୁର କରିଛନ୍ତି। ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ତୁରନ୍ତ ଜମି ହସ୍ତାନ୍ତର ଲାଗି କେନ୍ଦ୍ର ପକ୍ଷରୁ କୁହାଯାଇଛି। କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ସଚିବ ଅନୀଲ ସ୍ୱରୂପ ରାଜ୍ୟ ସରକାରଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଛନ୍ତି। ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ସମଗ୍ର ଦେଶରେ ୫୦ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାକୁ ଅନୁମୋଦନ କରିଥିବା ବେଳେ ଏଥିମଧ୍ୟରେ ଓଡ଼ିଶାର ଚାରିଟି ରହିଛି। ରାଜ୍ୟ ସରକାର ରାୟଗଡ଼ା ଜିଲ୍ଲାର ଗୁଣପୁର, ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର, କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଓ ଆନନ୍ଦପୁରଠାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଗୁଡିକୁ ନିୟନ୍ତ୍ରଣ କରୁଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଇତିମଧ୍ୟରେ ବିଭିନ୍ନ ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟ ନିୟମ ଆଧାରରେ ଜମି ଯୋଗାଇ ଦେବାକୁ ସୂଚାଇ ସାରିଲେଣି। ତୁରନ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ହେଲେ ଅସ୍ଥାୟୀ ଭିତ୍ତିଭୂମି ଯୋଗାଇ ଦେବାକୁ ବି କୁହାଯାଇଛି। ଓଡ଼ିଶାରେ ଥିବା ୩୮ଟି କେନ୍ଦ୍ରୀୟ ବିଦ୍ୟାଳୟରେ ୬୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କେନ୍ଦ୍ରୀୟ ସଚିବ ଶ୍ରୀ ସ୍ୱରୂପ କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦ୍ୱାରା ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରଶାସନିକ ନିର୍ଦ୍ଦେଶ ମଳିବା ପୂର୍ବରୁ ଚିହ୍ନଟ ହୋଇଥିବା ଜମିକୁ କେନ୍ଦ୍ରୀୟ ବିଦ୍ୟାଳୟକୁ ହସ୍ତାନ୍ତର କରିବାକୁ ପଡ଼ିବ। ରାଜ୍ୟ ସରକାର ଏହି ନୂତନ ବିଦ୍ୟାଳୟ ପ୍ରତିଷ୍ଠାକୁ ଆହ୍ୱାନ ଭାବେ ଗ୍ରହଣ କରିବାକୁ ସେ କହିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲୁଥିବାରୁ ନୂଆ ବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ 'ପ୍ରଥମେ ଆସ ପ୍ରଥମେ ନିଅ' ନୀତି ଆପଣାଇଛନ୍ତି। ତେଣୁ ଏଭଳି କ୍ଷେତ୍ରରେ ଯେତେଶୀଘ୍ର ସମ୍ଭବ କେନ୍ଦ୍ରୀୟ ବିଦ୍ୟାଳୟକୁ ଜମି ହସ୍ତାନ୍ତର କରାଗଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ନିକଟରେ କେନ୍ଦ୍ରୀୟ ସଚିବ ଶ୍ରୀ ସ୍ୱରୂପ ତାଙ୍କର ଓଡ଼ିଶା ଗସ୍ତ ସମୟରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ସନ୍ତୋଷ ପ୍ରକଟ କରିଥିଲେ। ତେଣୁ ପ୍ରସ୍ତାବିତ ଚାରିଟି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ତୁରନ୍ତ ପ୍ରାଥମିକ କାର୍ଯ୍ୟ ଆରମ୍ଭ କରିବାକୁ କହିଛନ୍ତି। କେନ୍ଦ୍ରରୁ ଏହି ସୂଚନା ପାଇଲାପରେ ମୁଖ୍ୟ ଶାସନ ସଚିବଙ୍କୁ ତୁରନ୍ତ ଏହା ଉପରେ କାର୍ଯ୍ୟ ଆରମ୍ଭ ପାଇଁ କହିଛନ୍ତି। ଜିଲ୍ଲାପାଳମାନଙ୍କୁ ଜମି ଚିହ୍ନଟ ସହିତ ତୁରନ୍ତ ଏହା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ହସ୍ତାନ୍ତର ପାଇଁ କୁହାଯାଇଛି। ରାଜ୍ୟକୁ ମିଳିଥିବା ଏହି ନୂତନ ବିଦ୍ୟାଳୟ ପ୍ରତିଷ୍ଠାରେ ଯେଭଳି କୌଣସି ସମସ୍ୟା ନ ଉପୁଜେ ସେଥିପାଇଁ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସାରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ସ୍ନାଇଡର କ୍ଷେପଣାସ୍ତ୍ର ପରୀକ୍ଷା ସଫଳ

ବାଲେଶ୍ୱର : ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଗୁରୁବାର ପ୍ରଥମ ଥର ପାଇଁ ସ୍ନାଇଡର କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଇଛି। ସକାଳ ୧୨ଟା ଓ ୧.୩୦ ମିନିଟ୍‌ରେ ଏହା ପରୀକ୍ଷା କରାଯାଇଥିଲା। ପରୀକ୍ଷା ସଫଳ ହୋଇଥିବା ବିଭାଗ ସୂତ୍ରରୁ ଜଣାଯାଇଛି। ପ୍ରଥମେ ଚାଳକ ବିହୀନ ବିମାନ ବଂଶୀକୁ ଆକାଶ ମାର୍ଗକୁ ଛଡ଼ା ଯାଇଥିବା ବେଳେ କିଛି ସମୟ ପରେ ସ୍ନାଇଡର କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପ କରାଯାଇ ପାରୁଥିବା ସ୍ନାଇଡର କ୍ଷେପଣାସ୍ତ୍ର ଇସ୍ରାଏଲ ପକ୍ଷରୁ ନିର୍ମିତ ହୋଇଥିବା ବେଳେ ଭାରତ ପକ୍ଷରୁ ଏହାର ପ୍ରଥମ ଥର ପାଇଁ ପରୀକ୍ଷା କରାଯାଇଛି। ସ୍ନାଇଡର (ସରଫେସ ଟୁ ଏଆର ପାଇଥନ ଆଣ୍ଡ ଡର୍ବି) ଇସ୍ରାଏ ନିର୍ମିତ ସ୍ୱଳ୍ପ ଓ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର। ଏହା ଦ୍ରୁତ କ୍ରିୟାଶୀଳ କ୍ଷେପଣାସ୍ତ୍ର ଯାହା ଆକାଶ ମାର୍ଗରୁ ଆସୁଥିବା ଯେକୌଣସି ବିପଦକୁ ସାମ୍ନା କରିପାରିବ। ସେନାର ବିଶେଷ ଅଞ୍ଚଳ, ଏସଆଇ (ସର୍ଚ ରେଞ୍ଜ) ଓ ସ୍ନାଇଡର ଏମଆଇ(ମିଡିୟମ ରେଞ୍ଜ) ୨ଟି ଭେରିଆଣ୍ଟରେ ଶତ୍ରୁପକ୍ଷ ମିଶାଇଲକୁ ପ୍ରତିହତ କରିପାରିବ। ସ୍ନାଇଡର ମିଶାଇଲ ଫାୟାରିଂ ୟୁନିଟ୍ (ଏମ୍‌ଏଫୟୁ)ରୁ ପାଇଥନ ୫ ଓ ଡର୍ବି ମିଶାଇଲ ମିଳିତ ଭାବେ ନିକ୍ଷେପ କରାଯାଇପାରିବ।

ପୁରୀଜିଲ୍ଲାରେ ଉଜ୍ଜ୍ୱଳାର ଅଗ୍ରଗତି : ୯ କୋଟି ୪୨ ଲକ୍ଷ

ପୁରୀ : ଦେଶରେ ଧୂଆଁହୀନ ଗ୍ରାମ ସୃଷ୍ଟି ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଉଜ୍ଜ୍ୱଳା ଯୋଜନା ବେଶ୍ ଅଗ୍ରଗତି କରିଛି। ବିପିଏଲ୍ ପରିବାରର ସାବାଳକ ଓ ମହିଳାମାନଙ୍କୁ ବିନା ଡିପୋଜିଟ୍‌ରେ ଏଲ୍‌ପିଜି ସଂଯୋଗ ଯୋଗାଇ ଦିଆଯାଉଛି। ଏଥିପାଇଁ କେନ୍ଦ୍ର ସରକାର ୧୬୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଅନଗ୍ରସର ପରିବାରଙ୍କୁ ତିନୋଟି ରାଷ୍ଟ୍ରୀୟ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ୍ ଅଏଲ, ଏଚ୍‌ପିସିଏଲ୍ ଓ ବିପିସିଏଲ୍ ଦ୍ୱାରା ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଉଛି। ପୁରୀ ଜିଲ୍ଲାରେ ୨୩ ଜଣ ଡିଷ୍ଟ୍ରିବ୍ୟୁଟର ରହିଛନ୍ତି। ଗୋଟିଏ ବର୍ଷ ମଧ୍ୟରେ ୭୭ ହଜାର ୪୦୪ ଆବେଦନ ସଂଗ୍ରହ କରାଯାଇଥିବା ବେଳେ ୫୮ ହଜାର ୯୧୮ ଜଣଙ୍କୁ ନୂଆ ଏଲ୍‌ପିଜି ସଂଯୋଗ ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ପୁରୀ ଜିଲ୍ଲା ନୋଡାଲ ଅଫିସର ବିଜୟ କିଶୋର ପ୍ରକାଶ କରିଛନ୍ତି। ହୋଟେଲ ଜମିଦାର ପାଲେସ୍‌ଠାରେ ଆୟୋଜିତ ଏ ସାମ୍ବାଦିକ ସମ୍ମିଳନୀରେ ବିଜୟ କିଶୋର ସୂଚନା ଦେଇ କହିଛନ୍ତି ଯେ ୨୦୧୬-୧୭ ଆର୍ଥିକ ବର୍ଷରେ ୧.୫ କୋଟି ହିତାଧିକାରୀଙ୍କୁ ଏଲ୍‌ପିଜି ସଂଯୋଗ ଯୋଗାଇ ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୨.୨୦ କୋଟି ପ୍ରଦାନ କରାଯାଇଛି। ୨୦୧୪ ମସିହାରେ ଏଲ୍‌ପିଜି ସିଲିଣ୍ଡର ଚାହିଦା ୧୪ କୋଟି ଥିବା ବେଳେ ୨୦୧୭ରେ ଏହି ଚାହିଦା ୨୦ କୋଟିରୁ ଅଧିକ ହୋଇଛି। ୩୮ ପ୍ରତିଶତ ତଫସିଲଭୁକ୍ତ ଜାତି ଓ ଉପଜାତିର ହିତାଧିକାରୀଙ୍କୁ ଏଲ୍‌ପିଜି ଯୋଗାଇ ଦିଆଯାଇଛି। ପୁରୀ ଜିଲ୍ଲାର ୧୧ଟି ବ୍ଲକ୍‌ରେ ଏହା କାର୍ଯ୍ୟକାରୀ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭ ହଜାର ୫୫୩ ଜଣ ଗ୍ରାହକ ସେମାନଙ୍କ ସବ୍‌ସିଡ ନେଇନାହାନ୍ତି। ବିଜୟ କିଶୋର ପ୍ରକାଶ କରିଥିଲେ ଯେ ଜିଲ୍ଲାରେ ଏଲ୍‌ପିଜି ଗ୍ରାହକଙ୍କ ସଂଖ୍ୟା ୨.୦୧ ଲକ୍ଷରେ ପହଞ୍ଚିଥିବା ବେଳେ ୩୯.୪୫ ପ୍ରତିଶତ ଏଲ୍‌ପିଜି ସଂଯୋଗ ବୃଦ୍ଧି ପାଇଛି। ଗତବର୍ଷ ମଧ୍ୟରେ ୧୦ ପ୍ରତିଶତ ଅଭିବୃଦ୍ଧି ଘଟିଛି। ପୁରୀ ଜିଲ୍ଲାରେ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାର ୯ କୋଟି ୪୨ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଏଲ୍‌ପିଜି ସଂଯୋଗ ପାଇବା ପାଇଁ ୩୭ ହଜାର ୪୨୫ ଜଣ ଗ୍ରାହକଙ୍କୁ ଗ୍ୟାସ୍ ଲୋଡ୍ ପାଇଁ ସ୍ୱଳ୍ପ ସୁଧଭତ୍ତିକ ଋଣ ଆକାରରେ ୫ କୋଟି ୯୮ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଗ୍ରାହକମାନଙ୍କ ସୁବିଧା ପାଇଁ ଜିଲ୍ଲାରେ ୧୪ଟି ନୂତନ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର ସୃଷ୍ଟି କରାଯିବ ବୋଲି ନୋଡାଲ ଅଫ

ମଣିଷକୁ ନୁହେଁ, ତା'ର ଖରାପ
ଗୁଣକୁ ଘୃଣାକର : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଚିନ୍ତାର ବିଷୟ

ସମଗ୍ର ବିଶ୍ୱରେ ଏବେ ହିଂସାର ବାତାବରଣ ଦେଖାଦେଇଛି। ହତ୍ୟା,ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତାର ଷଡ଼ଯନ୍ତ୍ରରେ ଶ୍ୱାସରୁଦ୍ଧ ହୋଇପଡ଼ିଛି ମଣିଷ। ସଂପ୍ରତି ସଭ୍ୟତା ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଚାରିଆଡ଼େ ଅବିଶ୍ୱାସ ଓ ବଢ଼ିମା ଦେଖାଇବାର ଯନ୍ତ୍ରବତ୍ ପ୍ରୟାସ ଜୀବନ ଦର୍ଶନକୁ ଉପହାସ କରି ବସ୍ତୁବାଦର କ୍ରୁର ଚକ୍ରାନ୍ତ ଭିତରକୁ ଟାଣି ନେଉଛି। ପାକ୍‌ସେନାର ସୀମାଲଂଘନ ହେଉ କି ଉତ୍ତର କୋରିଆର ସମରସଜ୍ଜା; ସବୁଠି କେମିତି ଗୋଟେ ଭୟର ବାତାବରଣ ଖେଳିଯାଉଛି। ଅସ୍ତ୍ର ପ୍ରତିଯୋଗିତାକୁ ଜୀବନର ମାନଦଣ୍ଡ ଭାବେ ବିଚାର କରୁଥିବା ବିକଶିତ ଓ ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ଭାବଗତ ସମ୍ପର୍କ ଖରାପ ହେବାରେ ଲାଗିଛି। ଯେଉଁଠାରୁ ସହଜରେ ମୁକ୍ତି ମିଳିବା ଆଶା କମ୍। ଏଭଳି ଏକ ସଂକଟଜନକ ପରିସ୍ଥିତିକୁ ସାମ୍ନା କରି ଆଗାମୀ ପିଢ଼ିକୁ କିଭଳି ତିଆରି କରିବାକୁ ହେବ ସେକଥା ରାଷ୍ଟ୍ରନାୟକମାନେ ଚିନ୍ତା କରିବାର ସମୟ ପହଞ୍ଚିଯାଇଛି। ଆଜିକାଲି ମଧ୍ୟସ୍ଥତା ଜରିଆରେ ସହଜରେ ସମାଧାନର ସୂତ୍ର ଖୋଜିବା ଅପେକ୍ଷା ମଣିଷ ନିଜ ପାରିବାପଣିଆର ପ୍ରମାଣ ଦେବାକୁ ଅହରହ ଉଦ୍ୟମ କରୁଛି। ଫଳତଃ ସମସ୍ୟାର ସମାଧାନ ଅଧାବାଟରେ ଲଟକି ଯାଇ ପୁଣି ଏକ ନୂଆ ସମସ୍ୟାକୁ ଠିଆ କରାଉଛି। ସମର୍ପଣ ଭାବ ନଥିବା ଯୋଗୁଁ ଉପୁଜୁଥିବା ସଙ୍କଟର ସମାଧାନ କ୍ଷେତ୍ରରେ ବିଚାର ଅବିଚାରର ପାର୍ଥକ୍ୟ ସେତେଟା ଦୃଶ୍ୟମାନ ହେଉନି। ଅହଂକାରର ସ୍ୱରୂପ ହିଂସାର ଆୟୁଧ ପାଲଟି ବିନାଶର ପ୍ରକ୍ରିୟାରେ ନିଜକୁ ସାମିଲ କରୁଛି। ସମସ୍ୟା ସମାଧାନର ମୂଳମନ୍ତ୍ରକୁ ଖୋଜିବା ପରିବର୍ତ୍ତେ ଦିଗହରା ପରି ବିପଦର ଅନ୍ଧାରି ଗର୍ତ୍ତଆଡ଼େ ପାଦ ପକାଉଛି ମଣିଷ। ଶାନ୍ତି, ମୈତ୍ରୀ ଓ ସମ୍ପର୍କର ନିବିଡ଼ତାକୁ ପଛରେ ପକାଇ ଆଗକୁ ବାଟ ଚାଲିବାର ନୂତନ ସ୍ୱପ୍ନରେ ବିଭୋର। ବ୍ୟଭିଚାରର ପଥର ଉପରେ ନ୍ୟାୟର ଚଟାଣ ଖୋଜିବା ଭଳି ମିଥ୍ୟା ପ୍ରତିଶ୍ରୁତି ପଛରେ ଧାଇଁଥିବା ଜନସମୂହଙ୍କୁ କେଉଁ ଭାଷାରେ ସମ୍ବୋଧନ କରିବାକୁ ହେବ, ତାହା ଏବେ ଚିନ୍ତାର ବିଷୟ। ଏତେସବୁ ସତ୍ତ୍ୱେ ଏବେ ହିଂସା ପରିବର୍ତ୍ତେ ଶାନ୍ତି ଲୋଡ଼ା। ପ୍ରତିଶ୍ରୁତି ଅପେକ୍ଷା କାର୍ଯ୍ୟପନ୍ଥା ଲୋଡ଼ା। ଅବିବେକୀ ମଣିଷର ପ୍ରହେଳିକା ଅପେକ୍ଷା ବିବେକର ବାର୍ତ୍ତାଟିଏ ଲୋଡ଼ା। ଗୋଟିଏ ଭେଦଭାବହୀନ ସମାଜର ପରିକଳ୍ପନା ନହେବା ପର୍ଯ୍ୟନ୍ତ ଶାନ୍ତିର କପୋତ କେବେ ବି ଉଡ଼ିପାରିବନି ନୀଳଗଗନ ତଳେ। ଅହିଂସାର ପବିତ୍ର ମନ୍ତ୍ରଟିଏ ହିଁ ବଦଳାଇ ଦେଇପାରେ ଆସୁରିକ ପ୍ରବୃତ୍ତି। ତେବେଯାଇ ବ୍ୟକ୍ତିସତ୍ତାର ଔଜଲ୍ୟରେ ଝଲସିବ ମାନବଜାତି। ସେମିତି ଏକ ମୁକ୍ତକଣ୍ଠର ଘୋଷଣା କରିପାରୁଥିବା ସନ୍ଥ ହିଁ ଦେଖାଇପାରିବେ ଜୀବନର ମାର୍ଗ। ଯେଉଁପଥରେ ସହଜ ଓ ସରଳପଣର ସ୍ୱଚ୍ଛ ଝରଣା ଗୋଟିଏ ବହିଯାଉଥିବ ଅସୀମ ଦୂରତାଆଡ଼କୁ। ପ୍ରକୃତି ବି ଆଗପରି ଫେରିପାଉଥିବ ନିଜର ଶୋଭା। ବନପକ୍ଷୀଙ୍କ କୂଜନରେ ମୁଖରିତ ହୋଇଯିବ ବାୟୁମଣ୍ଡଳ। ବିଷବାଷ୍ପର ନିଷ୍ଠୁରତାରୁ ଜୀବନଟିଏ ମୁକୁଳି ଆସିପାରିବ। ସେମିତି ସମୟଟିଏ ଫେରି ନ ଆସିବା ଯାଏ ବିଜ୍ଞାନର ସଂଖ୍ୟାହୀନ କରାମତି ମଣିଷକୁ ଶାନ୍ତି ଦେଇପାରିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ମିଥ୍ୟା ଆଟୋପର ବିଗୁଲ ବାଜି କେବଳ ଭୂଇଁଥରା ଶବ୍ଦମାନ ସୃଷ୍ଟି ହେଉଥିବ। ଅନ୍ତରୀକ୍ଷରେ ପହଞ୍ଚିବା ସହଜ ହେଲେ ବି ମଣିଷର ହୃଦୟକୁ ଛୁଇଁବା କଷ୍ଟକର। ତେଣୁ ଜୀବନର ପରିଚର୍ଯ୍ୟା ଅପେକ୍ଷା ଚରିତ୍ରର ଶୁଦ୍ଧତା ହେଉଛି ବାସ୍ତବ ଅହିଂସା। ନୀତିପୂର୍ଣ୍ଣ ନିର୍ଣ୍ଣୟ ଓ ସମ୍ବେଦନଶୀଳ ଆଶ୍ୱାସନା ନପାଇବା ପର୍ଯ୍ୟନ୍ତ ଜୀବନଯୁଦ୍ଧର ଅବଧି ସରିବ ନାହିଁ। ବରଂ ରୋଗ, ଶୋକ ଓ ଅନୁତାପ ମଣିଷକୁ କ୍ଷଣୁକ୍ଷଣ କ୍ଷୀଣ କରିଚାଲିବ। ବୌଦ୍ଧିକସତ୍ତାର ଉପଲବ୍ଧି ନଆସିଲେ କର୍ମର ମହତ୍ତ୍ୱ ପ୍ରତିପାଦିତ ହୋଇପାରିବ ନାହିଁ। ମହାଜାଗତିକ ଦୃଶ୍ୟ ଭଳି ଦିନକୁ ଦିନ ଅଦ୍ଭୁତ ଅନୁଭବକୁ ନେଇ ବାଧ୍ୟହୋଇ ବଞ୍ଚିବାକୁ ପଡ଼ିବ। ତେଣୁ ସମସ୍ତ ବିଘଟନରୁ ମୁକ୍ତି ଖୋଜି ଗୋଟେ ଆନନ୍ଦମୟ ଜୀବନ ରାସ୍ତାରେ ପଥ ଚାଲିବା ହେଉଛି ଆଜିଦିନର ସବୁଠୁ ବଡ଼ଆହ୍ୱାନ। ଶାନ୍ତି, ସଂପ୍ରୀତିର ସନ୍ଦେଶ ବାଣ୍ଟିବା ମନସ୍ଥ ନହେଲେ ଆଗକୁ ଆଗକୁ ଦୁର୍ଦ୍ଦଶାର ଅନ୍ତ ହେବନାହିଁ। ସାଧୁ! ସାବଧାନ।

ଭାରତ-ସାଇପ୍ରସ ଆଲୋଚନା

ସୌମେନ୍ଦ୍ର ଜେନା

ଏପ୍ରିଲ ମାସ ଶେଷ ସପ୍ତାହରେ ଏସିଆର ଅନ୍ୟତମ ଦ୍ୱୀପରାଷ୍ଟ୍ର ସାଇପ୍ରସର ରାଷ୍ଟ୍ରପତି ନିକୋସ ଆନାଷ୍ଟାସିଆଡେସ୍ ୫ଦିନିଆ ଭାରତ ଗସ୍ତରେ ଆସିଥିଲେ।୨୪-୨୯ ଏପ୍ରିଲ ୨୦୧୭ ଯାଏ ନିକୋସଙ୍କ ଗସ୍ତ ଅତି ଗୁରୁତ୍ୱପୂର୍ଣ୍ଣଥିଲା। ସାଇପ୍ରସର ସ୍ୱାଧୀନତା ପ୍ରାପ୍ତିଠାରୁ ଆଜିଯାଏ ପ୍ରାୟତଃ ପ୍ରତ୍ୟେକ ରାଷ୍ଟ୍ରପତି ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଅନ୍ତତଃ ଥରେ ଭାରତ ଗସ୍ତରେ ଆସିବାକୁ ଭୁଲିନାହାନ୍ତି। ସାଇପ୍ରସର ସୁରକ୍ଷାପାଇଁ ଭାରତୀୟ ସେନାବାହିନୀର ଅବଦାନ ଉଲ୍ଲେଖନୀୟ। ବ୍ରିଟେନର ଉପନିବେଶିକ ଶାସନ ବିରୁଦ୍ଧରେ ସାଇପ୍ରସବାସୀଙ୍କ ସ୍ୱାଧୀନତା ସଂଗ୍ରାମକୁ ଭାରତର ଅକୁଣ୍ଠ ସମର୍ଥନ ପାଇଁ ଏହାର ପ୍ରଥମ ରାଷ୍ଟ୍ରପତି ଆର୍କବିଶପ ମାକାରିଓସଙ୍କ ମନରେ ମହାତ୍ମାଗାନ୍ଧି, ଜବାହରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧିଙ୍କ ପ୍ରତି ଗଭୀର ଶ୍ରଦ୍ଧା ରହିଥିଲା। ସାଇପ୍ରସ ସମସ୍ୟାର ସମାଧାନ ପାଇଁ ଆନ୍ତର୍ଜାତିକ ସ୍ତରରେ ଭାରତ ସବୁବେଳେ ସମର୍ଥନ ଦେଇ ଆସିଛି। ସେହିପରି ଜାତିସଂଘରେ ସାଇପ୍ରସ ଭାରତର ଜଣେ ଭଲ ସମର୍ଥକ ହୋଇ ରହିଆସିଛି। ସାଇପ୍ରସର ରାଜଧାନୀ ନିକୋସିଆର ସଂସଦ ନିକଟସ୍ଥ ମ୍ୟୁନିସପାଲ ପାର୍କଠାରେ ୧୯୭୨ରେ ତତ୍‌କାଳୀନ ଭାରତର ରାଷ୍ଟ୍ରପତି ଭି.ଭି ଗିରିଙ୍କ ଦ୍ୱାରା ମହାତ୍ମାଗାନ୍ଧିଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା। ସେହି ପାର୍କରେ ସ୍ଥାନ ପାଇଥିବା ପ୍ରତିମୂର୍ତ୍ତି ମଧ୍ୟରେ ଗାନ୍ଧିଜୀ ହେଉଛନ୍ତି ଏକମାତ୍ର ବିଦେଶୀ। ସେହିପରି ୧୯୮୩ରେ ଶ୍ରୀମତୀ ଇନ୍ଦିରାଗାନ୍ଧିଙ୍କ ଗସ୍ତ କାଳରେ ସାଇପ୍ରସ ସଂସଦର ମାର୍ଗକୁ ଜବାହରଲାଲ ନେହେରୁଙ୍କ ନାମରେ ନାମିତ କରାଯାଇଥିଲା। ଭାରତର କୂଟନୀତିକ କାର୍ଯ୍ୟାଳୟର ସଡକକୁ ଇନ୍ଦିରାଗାନ୍ଧିଙ୍କ ନାମରେ ନାମିତ କରାଯାଇଛି। ଭାରତ ସରକାର ସାଇପ୍ରସ ପ୍ରତି ଶ୍ରଦ୍ଧାସ୍ୱରୂପ ନୂଆଦିଲ୍ଲୀର ଏକ ଛକସ୍ଥାନକୁ ଆର୍କବିଶପ ମାକାରିଓସ୍‌ଙ୍କ ନାମରେ ନାମିତ କରିଛନ୍ତି। ସାଇପ୍ରସର ସୁରକ୍ଷା ପାଇଁ ଜାତିସଂଘ ଶାନ୍ତି ସେନାର ନେତୃତ୍ୱ ନେଇ ୧୯୬୪ରୁ ତିନିଜଣ ଭାରତୀୟ ସେନାଧିକାରୀ କାର୍ଯ୍ୟ କରିଛନ୍ତି। ସେମାନେ ହେଲେ ଲେଫ୍ଟନାଣ୍ଟ ଜେନେରାଲ ପି.ଏସ୍. ଜ୍ଞାନୀ, ଜେନେରାଲ କେ.ଏସ୍. ଥିମାୟା ଓ ମେଜର ଜେନେରାଲ ଦିଓ୍ୱାନ ପ୍ରେମଚନ୍ଦ । ୧୯୬୫ରେ କାର୍ଯ୍ୟରତ ଥିମାୟାଙ୍କ ମୃତ୍ୟୁ ହେବା ଯୋଗୁ ସାଇପ୍ରସ ଲାର୍ନାକାର ପୂର୍ବ-ପଶ୍ଚିମ ମୁଖ୍ୟ ସଡକକୁ ଜେନେରାଲ ଥିମାୟା ରୋଡ ଭାବେ ନାମିତ କରାଯାଇଛି। ୧୯୬୬ରେ ସାଇପ୍ରସ ସରକାର ତାଙ୍କ ସ୍ମୃତିରେ ଏକ ଡାକଟିକଟ ଜାରି କରିଥିଲେ। ଏବେ ସୁଦ୍ଧା ଜାତିସଂଘ ବାହିନୀ ଅଧୀନରେ ଭାରତର ଏକ ବେସାମରିକ ପୋଲିସ ଦଳ ସାଇପ୍ରସରେ କାର୍ଯ୍ୟରତ । ସାଇପ୍ରସର ସୁରକ୍ଷାରେ ୫୦ବର୍ଷରୁ ଅଧିକ କାଳ ଧରି ଭାରତ ସରକାର ଏପର୍ଯ୍ୟନ୍ତ ସେଠାରେ ନିଜର ସୁରକ୍ଷା ବାହିନୀକୁ ନିଯୁକ୍ତ କରିଥିବାରୁ ସାଇପ୍ରସ ଜନତାଙ୍କ ମନରେ ଭାରତ ଏକ ସ୍ୱତନ୍ତ୍ରସ୍ଥାନ ଲାଭ କରିଛି। ଭୂମଧ୍ୟ ସାଗର ମଧ୍ୟରେ ଥିବା ଏହି ଛୋଟ ଦ୍ୱୀପରାଷ୍ଟ୍ରର ସ୍ୱାଧୀନତା ଓ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଆଜିଯାଏ ସହଯୋଗ କରିଆସିଛି।

ଭୂମଧ୍ୟ ସାଗରର ପୂର୍ବରେ ଥିବା ସାଇପ୍ରସ ଇଉରୋପର ସଂସ୍କୃତି ନେଇ ଏସିଆର ପରିଚୟ ଦେଇଥାଏ । ତୁର୍କୀଠାରୁ ୬୪କି.ମି ଓ ସିରିଆରୁ ୧୦୪.କି.ମି ଦୂରରେ ଥିବା ଏହି ଦ୍ୱୀପରେ ଗ୍ରୀକ୍ ମୂଳର ୭୮ଭାଗ ଓ ତୁର୍କୀମୂଳର ୧୮ଭାଗ ଲୋକ ବସବାସ କରନ୍ତି। ୩୫୭୨ବର୍ଗ କି.ମି କ୍ଷେତ୍ରଫଳ ବିଶିଷ୍ଟ ଏହି ରାଷ୍ଟ୍ରଟିର ନାମକରଣ ତମ୍ବାର ଲାଟିନ ଶବ୍ଦ 'ସାଇପ୍ରିୟମ'କୁ ନେଇ ହୋଇଛି । ଇତିହାସରେ ଫୋନେସୀୟ, ଗ୍ରୀକ୍, ଇଜିପଟିଆନ୍, ଆସିରୀୟ, ପାର୍ଶୀ, ରୋମାନମାନେ ତମ୍ବାର ଆକର୍ଷଣରେ ଏହି ଦ୍ୱୀପରାଷ୍ଟ୍ରକୁ ଅଧିକାର କରି ଶାସନ କରିଥିଲେ । ସାଇପ୍ରସରେ ଜନବସତି ୬୦୦୦ବର୍ଷ ପୂର୍ବେ ଆରମ୍ଭ ହୋଇଥିବାର ଜଣାଯାଏ । ଖ୍ରୀ.ପୂ ୧୫୦୦ରେ ଗ୍ରୀକମାନେ ସାଇପ୍ରସରେ ପ୍ରବେଶ କରିଥିଲେ । ଖ୍ରୀ.ପୂ ୮୦୦ ବେଳକୁ ଫୋନେସୀୟମାନେ ଜନବସତି କଲେ । ଏହାପରେ ଅନ୍ୟମାନେ ଶାସନ କଲେ । ଖ୍ରୀ.ପୂ ୩୩୩ରୁ ୩୨୩ ଯାଏ ଆଲେକଜାଣ୍ଡାର ଶାସନ କରିଥିଲେ । ଖ୍ରୀ.ପୂ ୫୮୦ରେ ଏହା ରୋମାନମାନଙ୍କ ଶାସନାଧୀନ ହୋଇଥିଲା । ୪ର୍ଥ ଶତାବ୍ଦୀରେ ବାଇଜାଣ୍ଟାଇନ ଶାସନାଧୀନ ହୋଇଥିଲା। ଖ୍ରୀ.୧୧୯୧ରେ ଇଂଲଣ୍ଡର ରାଜା ରିଚାର୍ଡ -୧ ସାଇପ୍ରସକୁ ଅଧିକାର କରିଥିଲେ। ଖ୍ରୀ ୧୪୮୯ ପର୍ଯ୍ୟନ୍ତ ଏହା ବ୍ରିଟେନ ଶାସିତ ହେବା ପରେ ସେମାନେ ଏହାକୁ ଭେନିସ ସହର ହାତରେ ଅର୍ପଣ କରିଥିଲେ । ଖ୍ରୀ. ୧୫୭୧ରେ ତୁର୍କମାନେ ସାଇପ୍ରସ ଆକ୍ରମଣ କରି ୩୦୦ବର୍ଷ ଧରି ଶାସନ କରିଥିଲେ। ଖ୍ରୀ ୧୮୭୮ରେ ବ୍ରିଟେନ ପୁନର୍ବାର ବର୍ଲିନ କଂଗ୍ରେସରେ ରୁଷିଆ ବିରୁଦ୍ଧରେ ତୁର୍କୀକୁ ସମର୍ଥନ ଦେବା ବଦଳରେ ସାଇପ୍ରସକୁ ହାତେଇଥିଲା । ଇଂରେଜମାନେ ସାଇପ୍ରସକୁ ଗ୍ରୀସ୍ ସହ ମିଶ୍ରଣର ବିରୋଧୀ ଥିଲେ । ସାଇପ୍ରସକୁ ଦୁର୍ବଳ ରଖି ମଧ୍ୟ-ପ୍ରାଚ୍ୟରେ ନିଜ ସ୍ୱାର୍ଥପୂରଣ କରିବାକୁ ବ୍ରିଟିସ ସରକାର ଇଚ୍ଛା କରୁଥିଲେ । ୧୯୫୦ ବେଳକୁ ବ୍ରିଟେନର ମତିଗତି ଦେଖି ସାଇପ୍ରସର ଗ୍ରୀକ୍‌ମୂଳ ଲୋକେ ହିଂସାକାଣ୍ଡ କଲେ । ଇଓକା ନାମରେ ଏକ ବିପ୍ଳବୀ ବାହିନୀ ଗଢି ଗ୍ରୀକ୍ ମୂଳ ଲୋକେ ମିଶ୍ରଣ ପାଇଁ ଆନ୍ଦୋଳନ ଚଳାଇବା ସମୟରେ ସଂଖ୍ୟାଲଘୁ ତୁର୍କୀ ମୂଳ ଲୋକେ ଏହାକୁ ବିରୋଧ କଲେ। ୧୯୫୯ରେ ବ୍ରିଟେନ, ଗ୍ରୀସ୍, ତୁର୍କୀ ଓ ସାଇପ୍ରସର ଦୁଇଗୋଷ୍ଠି ମଧ୍ୟରେ ବୁଝାମଣା ହେଲା। ତଦନୁଯାୟୀ ଦେଶର ରାଷ୍ଟ୍ରପତି ଗ୍ରୀକ୍‌ମୂଳ ଲୋକେ ହେବେ ଏବଂ ପ୍ରଧାନମନ୍ତ୍ରୀ ତୁର୍କୀମୂଳ ଲୋକେ ହେବାକୁ ସ୍ଥିର ହେଲା । ୧୯୬୦ରେ ସାଇପ୍ରସକୁ ସ୍ୱାଧୀନତା ପ୍ରଦାନ କରାଗଲା । ଦ୍ୱନ୍ଦ୍ୱ ପୁନର୍ବାର ଦେଖାଯିବାରୁ ୧୯୬୩ରେ ଜାତିସଂଘ ଶାନ୍ତିସେନା ପ୍ରେରଣ କଲା। ୧୯୭୪ରେ ତୁର୍କୀ ସରକାର ମାକାରିଓସଙ୍କ ସରକାରଙ୍କୁ ହଟାଇ ସାଇପ୍ରସର ଉତ୍ତର ଭାଗକୁ ଦଖଲ କରିନେଲେ । ୨୦,୦୦୦ ସେନା ଏଥିପାଇଁ ସାଇପ୍ରସରେ ପ୍ରବେଶ କରିଥିଲେ । ୧୯୭୫ରେ ସାଇପ୍ରସର ୪୦ଭାଗ ଅଞ୍ଚଳ ଦଖଲ କରି ତୁର୍କୀ ସେନା ନିଜ ସରକାର ଗଠନ କରିଥିଲା । ୧୯୮୩ରେ ସାଇପ୍ରସର ଉତ୍ତରାଞ୍ଚଳକୁ ଉତ୍ତର ସାଇପ୍ରସ ତୁର୍କୀ ଗଣରାଜ୍ୟ ଘୋଷଣା କରାଯାଇଥିଲା। କିନ୍ତୁ ଆଜିଯାଏ ସାଇପ୍ରସର ଉତ୍ତରଭାଗକୁ ତୁର୍କୀ ସେନା ଦଖଲ କରି ରହିଛନ୍ତି । ସେମାନେ ୨୦,୦୦୦ ଗ୍ରୀକମୂଳ ଲୋକଙ୍କୁ ଉତ୍ତରାଞ୍ଚଳରୁ ତଡି ଦେଇଛନ୍ତି। ସେମିତି ହଜାର ହଜାର ତୁର୍କୀମୂଳ ଲୋକେ ଦକ୍ଷିଣାଞ୍ଚଳ ଛାଡିବାକୁ ବାଧ୍ୟ ହୋଇଛନ୍ତି।

ସାଇପ୍ରସ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ କାଳରେ ତିନୋଟି ଦ୍ୱିପାକ୍ଷିକ ବୁଝାମଣା ହୋଇଥିଲା। ସାଂସ୍କୃତିକ, ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ସହଯୋଗ (୨୦୧୭-୨୦), ବାଣିଜ୍ୟିକ ଜାହାଜ ଚଳାଚଳ ଓ ବେସାମରିକ ବିମାନ ଚଳାଚଳ । କୃଷି କ୍ଷେତ୍ରରେ ସହଯୋଗ ପାଇଁ କାର୍ଯ୍ୟ ପ୍ରସ୍ତୁତି ହେବ ବୋଲି ସ୍ଥିର କରାଯାଇଥିଲା । ଦ୍ୱିପାକ୍ଷିକ ବାଣିଜ୍ୟ ୨୦୧୩ରେ ୮୧.୮୮ ମିଲିଅନ ଡଲାର, ୨୦୧୪-୧୫ରେ ୭୩.୩୩ ମିଲିଅନ ଡଲାରରୁ ୨୦୧୫-୧୬ରେ ୧୦୭.୯୮ମିଲିଅନ୍ ଡଲାର ହୋଇଛି । ଭାରତର ନିର୍ମାଣ ଓ ରିଅଲ ଇଷ୍ଟେଟ ବ୍ୟବସାୟ କ୍ଷେତ୍ରରେ ୯.୧୧୧ ବିଲିଅନ ଡଲାର ପୁଞ୍ଜିନିବେଶ ସାଇପ୍ରସର କମ୍ପାନୀମାନେ କରିଛନ୍ତି । ବୈଦେଶିକ ପୁଞ୍ଜିନିବେଶ କ୍ଷେତ୍ରରେ ଭାରତ ପାଇଁ ସାଇପ୍ରସ ୮ମ ସ୍ଥାନରେ ରହିଛି । ଭାରତରୁ ସାଧାରଣତଃ ଜୈବିକ ରସାୟନ, ତୈଳବୀଜ, ମାଛ, ଯାନବାହନ ଓ ଏହାର ଅଂଶ, ଲୌହ, ଇସ୍ପାତ ଆଦି ସାଇପ୍ରସକୁ ରପ୍ତାନୀ ହେଉଛି । ସେହିପରି ଆଲୁମିନିୟମ ଉପକରଣ, ଯନ୍ତ୍ରପାତି ଲୁହା ଓ ଇସ୍ପାତ, ପ୍ଲାଷ୍ଟିକ ଉପକରଣ, ନରମକାଠ ଆଦି ସାଇପ୍ରସରୁ ଭାରତକୁ ଆମଦାନୀ ହେଉଛି ।

ସାଇପ୍ରସରେ ୫୪୦୦ ଭାରତୀୟ ରହୁଛନ୍ତି । ସେମାନଙ୍କ ମଧ୍ୟରୁ ଘରୋଇ କାର୍ଯ୍ୟରେ ନିଯୁକ୍ତ ୨୭୮୬ ଛାତ୍ରଛାତ୍ରୀ ୨୦୦୦, ଅବଶିଷ୍ଟ ପେଷାଦାର କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ । ସାଇପ୍ରସର ସରକାର ତାଙ୍କ ଦେଶରେ ପର୍ଯ୍ୟଟନ , ସ୍ୱାସ୍ଥ୍ୟସେବା, ସିନେମା, ଟେକନୋଲୋଜି, ଆର୍ଥିକ ସେବା, ନୂତନ ଉଦ୍‌ଭାବନକୁ ପ୍ରୋତ୍ସାହନ ଦେବାକୁ ଆଗ୍ରହୀ । ମୁମ୍ବାଇର ବିଶ୍ୱବାଣିଜ୍ୟ କେନ୍ଦ୍ରଠାରେ ଭାରତୀୟ ଶଳ୍ପ ମହାସଂଘ ପକ୍ଷରୁ ସାଇପ୍ରସ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଆୟୋଜିତ ଭୋଜିସଭାରେ ନିକୋସ ଆନାଷ୍ଟାସିଆଡେସ୍ ଏହି ବିଷୟ ପ୍ରକାଶ କରିଥିଲେ । ସାଇପ୍ରସ ଇଉରୋପ ମହାଦେଶର ପ୍ରବେଶଦ୍ୱାର ହୋଇଛି । ଏହି ଅବସରରେ ବିଶ୍ୱବାଣିଜ୍ୟ ସଂଗଠନ, ମୁମ୍ବାଇ ଏବଂ ଅଲ ଇଣ୍ଡିଆ ଆସୋସିଏସନ ଅଫ୍ ଇଣ୍ଡଷ୍ଟ୍ରିଜ୍ ସହ ସାଇପ୍ରସର ଚେମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ ମଧ୍ୟରେ ଆଗାମୀ ଦିନରେ ଆର୍ଥିକ ଓ ବାଣିଜ୍ୟିକ ସଂପର୍କକୁ ସୁଦୃଢ କରିବାକୁ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା ।

ଏସିଆ ମହାଦେଶରେ ଭାରତ ଭଳି ଦେଶସହ ଛୋଟ ଦ୍ୱୀପରାଷ୍ଟ୍ର ସାଇପ୍ରସର ତୁଳନା କଲେ ଗୋଟିଏ ବିଷୟ ଲକ୍ଷ୍ୟ କରାଯିବ ଯେ ଇଂରେଜମାନଙ୍କ ସହ ଲଢି ସ୍ୱାଧୀନତା ଲାଭ କରିଥିବା ସାଇପ୍ରସ ପରି ଇଂରେଜଙ୍କଠାରୁ ସ୍ୱାଧୀନତା ଲାଭ କରିଥିବା ଭାରତର ସ୍ଥିତି ପ୍ରାୟ ସମାନ ଥିଲା । ଦେଶ ସ୍ୱାଧୀନ ହେବାପରେ ତୁର୍କୀ ସାଇପ୍ରସର ଉତ୍ତରଭାଗ ମାଡିବସିଲା ପରି ଭାରତର ଉତ୍ତର ପଶ୍ଚିମ ଭାଗରେ ପାକ୍-ଚୀନ ହଜାର ହଜାର କି.ମି ଅଞ୍ଚଳ ୫୦ ବର୍ଷରୁ ଅଧିକ କାଳ ହେଲା ମାଡି ବସିଛନ୍ତି। ଉଭୟ ଦେଶରେ ଗଣତନ୍ତ୍ର ଶାସନ ବ୍ୟବସ୍ଥା ପ୍ରଚଳିତ। ଆଗାମୀ ଦିନମାନଙ୍କରେ ଉଭୟ ଦେଶର ସଂପର୍କରେ ଉନ୍ନତି ହେଲେ ପୁଞ୍ଜିନିବେଶ ଓ ବିକାଶର ଅଧିକ ସୁଯୋଗ ବଢିବ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ଓଡ଼ିଆଭାଷା ଓ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ



ପର୍ଶୁରାମ ଦ୍ୱିବେଦୀ

(ପୂର୍ବ ପ୍ରକାଶ ଉତ୍ତାରୁ)

ସମ୍ବଲପୁରର କୋର୍ଟ କଚେରୀରୁ ଓଡ଼ିଆ ଭାଷା ଉଠାଇ ଦେବାରେ ଯେଉଁ ଆନ୍ଦୋଳନ ହେଲା ସେଥିରେ ସମଗ୍ର ଓଡ଼ିଶା ଭାଷାଭାଷୀ ଅଞ୍ଚଳର ନେତୃବର୍ଗ ଜାଗି ଉଠିଥିଲେ। ବିଶେଷ କରି ମଧ୍ୟପ୍ରଦେଶରେ ଥିବା ସମ୍ବଲପୁର ଡିଭିଜନର ଓଡ଼ିଆମାନଙ୍କୁ ଭାରି କାଟିଥିଲା। ସେମାନେ ଆଶା ବାନ୍ଧିଥିଲେ ଓଡ଼ିଆ ଭାଷା ପୁନଃପ୍ରଚଳନ ହେଲେ ସ୍ୱତନ୍ତ୍ର ଓଡ଼ିଶାର ସେମାନେ ହେବେ ଅଧିବାସୀ। ୧୯୯୫ ଜାନୁଆରୀ ପହିଲାରୁ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ହେଲା। ସେମାନଙ୍କ ଦେହରେ ପ୍ରାଣ ସଞ୍ଚାର ହେଲା। ମାତ୍ର ୧୯୩୬ରେ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ଗଠିତ ହେଲା ସେଥିରେ ସମ୍ବଲପୁର ଡିଭିଜନର ବହୁ ଅଂଶ ମଧ୍ୟପ୍ରଦେଶରେ ରହିଗଲା ଓ ପରେ ତାହା ୨୦୦୦ ମସିହାରୁ ନୂଆ ଛତିଶଗଡ଼ରେ ମିଶିଲା। ପୁଣି ୧୯୫୦ ପରେ ହୀରାକୁଦ ଜଳଭଣ୍ଡାର ସୃଷ୍ଟି ହେବାରୁ ବହୁ ଅଧିବାସୀ ଆହୁରି ପଛକୁ ହଟିଯାଇ ମଧ୍ୟପ୍ରଦେଶରେ ଓ ପରେ ଛତିଶଗଡ଼ରେ ରହିଗଲେ। କ୍ରମେ ସେମାନେ କେତେକ ନିଜର ସଜ୍ଞା ପରିବର୍ତ୍ତନ ମଧ୍ୟ କରିଗଲେ। ବିଦ୍ୟାଳୟରେ ହିନ୍ଦୀ ଓ ଘରେ ଓଡ଼ିଆ କହିଲେ ମଧ୍ୟ ଓଡ଼ିଆ ପଢ଼ିବା ଲେଖିବାର ସୁବିଧା ପାଇଲେନି। ଯଦିଓ ସେମାନଙ୍କର ଇଷ୍ଟଦେବ ଜଗନ୍ନାଥ ତଥାପି ସେମାନେ ଜଗନ୍ନାଥଙ୍କ ପ୍ରିୟଭୂମି ଓଡ଼ିଶାଠାରୁ ଦୂରେଇଗଲେ। ବୁଢ଼ାବୁଢ଼ୀମାନେ ଓଡ଼

ବେଦନାର ବେଦ (୧୬)

କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

ଧାରାବାହିକ ଉପନ୍ୟାସ

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

ତାରପୁର ଚାଉଳ ବେପାରୀ ସୁଦାମ ସାହୁ ସବୁ ଶୁଣି ଗୋଡ଼ ଲମ୍ବେଇଲା। ନଇଁ ପଡ଼ିଥିବ ଯେତେବେଳେ, ବିଧାଟିଏ ମାରିବ ସେତେବେଳେ। ଯେଉଁ ଦୋ' ଫସଲୀ ଜମି ଗୁଣୁ ଅଢେଇ ହଜାର, ତାକୁ କହିଲା ପାଂଚଶହ ଟଙ୍କା।

'ସୁଦାମ ଭାଇ!'- ଚକ୍ରଧର କାନ୍ଦ କାନ୍ଦ ହୋଇ କହିଲା- "ସେଇଟା ଜମି ନୁହେଁ ତ ସୁନାମୁଣ୍ଡା। ଏଭଳି ଫଳନ୍ତି ଜମିକୁ ତମେ କହୁଚ ପାଂଚଶହ? ତୁମ ଜିଭ ଲେଉଟୁଛି ଏକଥା କହିବାକୁ?"

"ମୋର ବଡ଼ ଭୁଲ ହୋଇଗଲା ଭାଇ! ତୁ ଗୋଟାଏ କାମ କର, ତୋ ଜମି ଗୁଣୁକୁ ପାଂଚହଜାରରେ ବିକ୍। ମୋର ସେଥିରେ ଯାଏ ଆସେ କ'ଣ? ହଉ ତୁ ଯା ....ଯା....। ହାଟ ବେଳ ହୋଇଗଲାଣି, ମୁଁ ଯିବି.....।" ସୁଦାମ ସାହୁ କହିଲା।

ନୋଷଡ଼ି ପଡ଼ିଲା ଚକ୍ରଧର। ଧରିପକାଇଲା ସୁଦାମ ସାହୁର ହାତ। ଅନେକ ନେହୁରା ହେବାପରେ ଗୁଣ୍ଠ ହଜାରେ ଟଙ୍କାରେ କଥା ଛିଣ୍ଡିଲା।

ତା' ପରଦିନ ବଡ଼ି ଭୋର୍‌ରୁ ନାଲି ଚାହାରେ ମୁଡି ଗଣ୍ଡାଏ ଭସାଇ, ଦି'ଷୋଡ଼କ ପେଟକୁ ଟାଣିନେଇ ତରତର ହୋଇ ଚକ୍ରଧର ବାହାରି ଯାଇଥିଲା ଗଙ୍ଗାପୁର। ଜମି ରେଜେଷ୍ଟ୍ରୀ କାମ ସରୁ ସରୁ ଦିନ ଦୁଇଟା ବାଜି ଯାଇଥିଲା। ଚୈତ୍ରମାସର ସୂର୍ଯ୍ୟଦେବତା କେଉଁ କୋପରେ କେଜାଣି ମୁଣ୍ଡ ଉପରେ ଅଜାଡ଼ି ପକାଉଥିଲେ ମୁଣ୍ଡା ମୁଣ୍ଡା ନିଆଁ। ଚକ୍ରଧରର ସେତେବେଳକୁ କଣ୍ଠାଗ୍ରତ ଅବସ୍ଥା। ନାକରୁ ଅଣଚାସ ପବନ ବାହାରିଲାଣି। ଭୋକରେ ତା' ହଂସା ଉଡ଼ିଯିବାକୁ ବସିଲାଣି।

ଜମିର କାଗଜପତ୍ର ହାତେଇ ସାରିବାପରେ ସୁଦାମ ସାହୁ ତା' ହାତକୁ ବଢାଇ ଦେଇଥିଲା ଶହେ ଟଙ୍କାର ବିଡ଼ାଟିଏ। ଦଶହଜାର ଟଙ୍କା। ଟଙ୍କା ବିଡାଟିକୁ ଅଟ୍ଟାରେ ଖୋସି ଧଇଁ ସଇଁ ହୋଇ ଘରକୁ ଫେରୁଥିବା ବେଳେ ଛନ୍ଦି ହୋଇପଡୁଥିଲା ଚକ୍ରଧରର ପାଦ। ତଂଟି ପାଖରୁ ଉଠି ଆସୁଥିଲା ହାବୁକା ହାବୁକା କୋହ। ଘୂରି ଯାଉଥିଲା ତା' ମଥା। ମନ ଭିତରେ ପିଟି ହେଉଥିଲା ଦୁଃଖ ଓ ନୈରାଶ୍ୟର ଝାଞ୍ଝି ପବନ। ପୋଡ଼ିଯାଉଥିଲା ଦେହ ମୁହଁ। ଚକ୍ରଧର ଭୋକ ଶୋଷ ଭୁଲିଯାଇଥିଲା। ଭୁଲିଯାଇଥିଲା ଜୀବନ ଯନ୍ତ୍ରଣା। ଏକମୁହାଁ ହୋଇ ସେ ଧାଇଁଥିଲା ଘରକୁ।

ମୁହଁ ସଞ୍ଜବେଳକୁ ଘରେ ପହଂଚି ସେ ଫାଁ ଗାଳି ବସିପଡ଼ିଲା ଲଙ୍ଗାରେ। ଦେହସାରା ଧୂଳି ଧୂସରିତ। ମୁହଁ ଦେଖାଯାଉଥିଲା ଘର୍ମାକ୍ତ, ପୋଡ଼ା ଅଙ୍ଗାର ଭଳି କଳା। ଲାଲ୍ ଦେଖାଯାଉଥିଲା ଦୁଇ ଆଖି। ସେ ଧଇଁ ସଇଁ ହୋଇ ଯାଉଥିଲା, ସତେକି ଲକ୍ଷେ ମାଇଲ ବାଟ ଧାଇଁ ଧାଇଁ ସେ ଆସିଛି ଏକା ନିଃଶ୍ୱାସରେ! ତା' ବିକଳ ଅବସ୍ଥା ଦେଖି କାଇଲି ବାଇଲି ହୋଇଗଲା ଚମ୍ପା। ଖୋସଣୀରୁ ଟଙ୍କା ବିଡ଼ିଟିକୁ ବାହାର କରି ଚମ୍ପା ହାତକୁ ବଢାଇ ଦେଇ ଚକ୍ରଧର କହିଲା- " ନେ, ଯା'କୁ ସାବଧାନରେ ରଖି। ଭୋକରେ ପେଟ କଁ କଁ ଡାକିଲାଣି। ଶାଖ ପଖାଳ ଯାହା ଅଛି, ବେଗି ବାଢିଦେ ଗଣ୍ଡାଏ। କାଲି ଛାଡ଼ି ପହରଦିନ ସକାଳୁ ଆମେ ବାହାରିଯିବା କଟକ।"

କେତେକେତେ ବିଲବଣ, ଗଛଲତା, ଘର, ମଣିଷ, ଗାଈ, ବଳଦ, ପଶୁପକ୍ଷୀଙ୍କୁ ପଛରେ ପକାଇ ସାଇଁ ସାଇଁ ବେଗରେ ରେଳଗାଡ଼ିଟି ଚାଲିଥିଲା ନିଜର ଗନ୍ତବ୍ୟ ସ୍ଥଳରେ, ଏକାଗ୍ର ଚିତରେ। ବଗି ଭିତରେ ଖୁନ୍ଦି ହୋଇଥିଲେ ଲୋକ। ନାନା କଥାବାର୍ତ୍ତାରେ ବ୍ୟସ୍ତ ଥିଲେ। ଚକ୍ରଧର ଓ ଚମ୍ପା ବସିଥିଲେ ଚୁପ୍‌ଚାପ୍। କାହାରି ମୁହଁରେ କଥା ନଥିଲା। ସେମାନଙ୍କ ମୁହଁକୁ ଚାହିଁଦେଲେ ଜଣାପଡୁଥିଲା, ପାହାଡ ପାହାଡ଼ ଦୁଃଖ ସତେଅବା ଅଜାଡ଼ି ହୋଇ ପଡ଼ିଛି ସେମାନଙ୍କ ମୁଣ୍ଡ ଉପରେ! ଏକ ତ୍ରସ୍ତ, ଆତଙ୍କିତ ଭାବେ ବିଛେଇ ହୋଇ ପଡ଼ିଥିଲା ସେମାନଙ୍କ ସମଗ୍ର ଶରୀର ଉପରେ। ଲାଗୁଥିଲା ସେମାନେ ନିଜ ଇଚ୍ଛାରେ କୁଆଡେ ଯାଉନାହାନ୍ତି, ସେମାନଙ୍କୁ ଜୋରଜବରଦସ୍ତ ନିଆଯାଉଛି ଏକ ଭୟଙ୍କର ବିପଦ ଶଙ୍କୁଳ ସ୍ଥାନକୁ! ସେମାନଙ୍କ ଦୁଃଖ ବିଜଡ଼ିତ ମୁହଁ ସୂଚାଇ ଦେଉଥିଲା ଯେ, ଏକ ଅବ୍ୟକ୍ତ ଯନ୍ତ୍ରଣାର ଓଜନକୁ ବୋହି ବୋହି ସେମାନେ ଜୀବନକୁ ଅତିକ୍ରାନ୍ତ କରୁଛନ୍ତି ଏବଂ କରୁଥିବେ ମଧ୍ୟ କାଳକାଳ ଯାଏ!

ବାପା କୋଳରୁ ଉଠିଯାଇ ଚନ୍ଦନ କେତେବେଳେ ମା' କୋଳରେ ଘାଲେଇ ପଡ଼ିଛି। ଗଲାବର୍ଷ ଚକ୍ରଧର ଗାଁ ସ୍କୁଲରେ ତା'ର ନାଁ ଲେଖାଇ ଦେଇଥିଲା। ଚକ୍ରଧରର ଇଚ୍ଛା ନଥିଲା। ପିଲାଟାକୁ ଜମା ପାଂଚବର୍ଷ। ଖେଳାବୁଲା କରୁ ଆଉ ବର୍ଷେ ଦି' ବର୍ଷ! ହେଲେ ଚମ୍ପାର ଏକା ଜିଦ୍, ତା' ପୁଅ ପାଠ ପଢିବ। ଇସ୍କୁଲ୍‌କୁ ଯିବ। ବାପ ପରି ମୂର୍ଖ ନହୋଇ ପାଠ ପଢି ହାକିମ ହବ। ହେଲେ ତା' ଦେହ ତ ସୁବବେଳେ ଖରାପ!

ମା' କୋଳରେ ଥାଇ ଚନ୍ଦନ ମିଟିମିଟି କରି ବାହାରକୁ ଅନାଇଥିଲା। ରେଳରେ ବସି ଦୂରସ୍ଥାନକୁ ଯାତ୍ରା କରିବାର ଏଇ ଯେଉଁ ଆନନ୍ଦ, ତା' ପାଇଁ ହୋଇଥାନ୍ତା ଏକ ଅଭିନବ ଅଭିଜ୍ଞତା। ଏକ ଆବେଗପୂର୍ଣ୍ଣ ରୋମାଂଚକର ଯାତ୍ରା।

ସ୍କୁଲକୁ ଯାଇ ନିଜ ସାଙ୍ଗସାଥୀମାନଙ୍କ ଆଗରେ ସେ ଗପିଥାନ୍ତା- "ଆରେ ବାପ୍‌ରେ ...କେତେ ଲମ୍ବା ଗାଡ଼ି....ତାର କେତେ ଚକ....ବଡ଼ ସାପ ପରି....କେତେ ଜୋର୍‌ରେ ଭସ୍ ଭସ୍ ଧୂଆଁ ଛାଡ଼ି ଦୌଡୁଛି ଖାଲି ଆଗକୁ ଆଗକୁ.....ଭାରି ମଜା.....।

ଅଥଚ ଏବେ ଦେଖ! ଛ' ବର୍ଷର ଚଳଚଂଚଳ ପିଲାଟା କେମିତି ଝାଉଁଳି ପଡ଼ି ଚୁପ୍‌ଚାପ୍ ଘାଲେଇ ପଡ଼ିଛି ମା' କୋଳରେ! ସେ ମିଟ୍ ମିଟ୍ କରି ବାହାରକୁ ଚାହିଁ ରହିଥିଲା ସିନା, ତା' କପାଳରେ ସ୍ପଷ୍ଟ ଉଙ୍କି ମାରୁଥିଲା ଯନ୍ତ୍ରଣାର ରେଖାଗୁଡାଏ। ବାହାରୁ ଆଖି ଫେରାଇ ଆଣି ସେ ଚୁପ୍‌ଚାପ୍ ଶୋଇପଡ଼ିବାକୁ ଚାହୁଁଥିଲା। ତା' ଭିତରର ଯନ୍ତ୍ରଣା ବୋଧହୁଏ ତାକୁ ପ୍ରତିମୁହୂର୍ତ୍ତରେ କ୍ଷାନ୍ତ କରୁଥିଲା ସହଜ ହେବାକୁ ଏବଂ ଜୀବନରେ ପ୍ରଥମ ଥର ପାଇଁ ରେଳଗାଡ଼ିରେ ବସି ଦୂରସ୍ଥାନକୁ ଯାତ୍ରା କରୁଥିବାର ଏପରି ମହାର୍ଘ ଆନନ୍ଦକୁ ଉପଭୋଗ କରିବାକୁ।

ଚମ୍ପା ବସିଥିଲା ଚଳତ୍‌ଶକ୍ତିହୀନ ଖୁଟଂଟିଏ ଭଳି। ନିର୍ବାକ ଚାହାଣୀରେ ଚାହିଁ ରହିଥିଲା ଚଳନ୍ତା ରେଳର ଝରକା ଦେଇ ବାହାରକୁ,ଯଦିଓ ଧାନକଟା ସରି ଯାଇଥିବା ଦୁଃଖୀ ବିଲବାଡ଼ି, ବୁଦିବୁଦିକିଆ ନିଃସଙ୍ଗ ଗଛ, ଚିରାଚରିତ ଆକାଶ ବ୍ୟତୀତ ସେଆଡେ ଆଉ ବିଶେଷ କିଛି ନଥିଲା। ପ୍ରଚଣ୍ଡ ବେଗରେ ଧାବମାନ ରେଳଗାଡ଼ିର ଘର୍ଘର ଶବ୍ଦ ସତ୍ତ୍ୱେ, ସବୁ କିଛି ଲାଗୁଥିଲା ସ୍ଥିର, ଅଚଂଚଳ, ନିର୍ଜୀବ ଓ ଶୂନ୍‌ଶାନ୍।

'ଆଉ କେତେବାଟ ରହିଲା?' ସତେକି ସକାଳୁ ନୁହେଁ, ଗୋଟାଏ ଯୁଗ ହେବ ସେ ବସି ଆସିଛି ସେଇ ବିଶାଳକାୟ ରେଳଗାଡ଼ିର ଡବା ଭିତରେ! ଆଉ ଅଧିକ ସମୟ ସେଠି, ସେପରି ଅବସ୍ଥାରେ ବସିରହିବା ପାଇଁ ତା'ର ଧୌର୍ଯ୍ୟ ନାଇଁ, ସେହିପରି ଅସହାୟ, ନୟାନ୍ତ ସ୍ୱରରେ ଚମ୍ପା ପଚାରିଲା ଚକ୍ରଧରକୁ।

ଗୋଟାଏ କରୁଣ ବ୍ୟାକୁଳତା ଆବୋରି ବସିଥିବା ଚମ୍ପାକୁ ଚାହିଁଲା ଚକ୍ରଧର, ଏକ ଦରଦୀ ଚାହାଣୀରେ। ଚାହିଁଲା, କିଛି କହିବା କହିବା ହେଲା, କିନ୍ତୁ କହିଲାନି କିଛି। କହିପାରିଲାନି। କହିଦେଲେ କ'ଣ ବାଟ କମିଯିବ ନା ରେଳଗାଡ଼ିଟା ପୁଷ୍ପକ ବିମାନ ପରି ଶୂନ୍ୟେ ଶୂନ୍ୟେ ଉଡ଼ିଯାଇ ଆଖି ପିଛୁଳାକେ ପହଂଚିଯିବ କଟକ ସହରରେ? ତାକୁ ବି ସେମିତି ବ୍ୟସ୍ତ, ବିବ୍ରତ, ଅସହାୟ ଲାଗୁଥିଲା, ଯେମିତି ଲାଗୁଥିଲା ଚମ୍ପାକୁ। ତା'ର ବି ଆଉ ମୁହୂର୍ତ୍ତେ ରେଳବଡ଼ା ଭିତରେ ବସିବା ପାଇଁ ଧୌର୍ଯ୍ୟ ନଥିଲା। ତା'ର ସବୁ ଧୌର୍ଯ୍ୟ ସତେଯେପରି ବନ୍ଧା ପଡ଼ିଯାଇଥିଲା କଟକ ସହରର ସେଇ ବିଶାଳକାୟ ଧଳାକୋଠା ଭିତରେ, ଯେଉଁଠି ସାରା ଦୁନିଆକୁ ରୋଗମୁକ୍ତ, ବିପଦମୁକ୍ତ କରିଦେବା ପାଇଁ ଅହରହ ତୟାର ଅଛନ୍ତି ମଣିଷରୂପୀ ଭଗବାନ!

ସରିଗଲା ଅପେକ୍ଷା। ସେମାନଙ୍କ ଧୌର୍ଯ୍ୟ ଶେଷ ହେବା ଆଗରୁ ଘୋ ଘୋ ଗର୍ଜନ, ହାଉଜାଉ ମଣିଷ ଏବଂ ପେଁ ପୋଁ ଗାଡ଼ିଶବ୍ଦ ଗହଣରେ ରେଳଗାଡ଼ିଟି ଯାଇ ପ୍ରବେଶ କଲା କଟକ ଷ୍ଟେସନରେ।

ତପ୍ତର ହୋଇଉଠିଲା ଚମ୍ପା। ଚକ୍ରଧର ବି। ସେ କାଖେଇଲା ପୁଅକୁ ଏବଂ ଡାହାଣ ହାତରେ ଧରିଲା ଗୋଟାଏ ବଡ଼ ବ୍ୟାଗ୍। ପ୍ରଥମେ ଓହ୍ଲାଇଲା ତଳକୁ। ପଛେ ପଛେ ଚମ୍ପା। ଆଉ ଗୋଟାଏ ବ୍ୟାଗ୍ ଧରି ଖୁବ୍ ଧୀରେ, ସନ୍ତର୍ପଣରେ। ସେମାନେ କୌଣସିମତେ ବାହାରି ଆସିଲେ ବାହାରକୁ, ଏକଦମ୍ ଷ୍ଟେସନ୍ ବାହାରକୁ। ଅଦୂରରେ ଗୋଟାଏ ପ୍ରକାଣ୍ଡ ଗଛ। ପର୍ଯ୍ୟାପ୍ତ ଛାଇ। ତା'ରି ମୂଳରେ ଠିଆହେଲେ। ଖରା ଖୁବ୍ ଟାଣ ହୋଇଯାଇଥାଏ ସେତେବେଳକୁ।

କ୍ରମଶଃ...

ମାଟିଖେଳ

ଚିନ୍ମୟ ରାୟ

ଏଗାର ବର୍ଷର ନାତି ପଚାରିଛି :
ଜେଜେ ତୁମର ପିଲାଦିନେ ପାସ୍‌ଟାଇମ୍
କ'ଣ ଥିଲା ?
ମାଟିଖେଳ ବାପା ମାଟିଖେଳ
ମାନେ...
ମାଟିରେ ପଶୁପକ୍ଷୀ, ଦେବୀଦେବତା ଗଢ଼ି
ଖରାରେ ଶୁଖାଇ
ଚୁନ, ଅଳତା, ହଳଦୀରେ ରଙ୍ଗାଇ
ଫୁଲପତ୍ରରେ ସଜାଇଥିଲି
ଜେଜେ ମୁଁ ସେମିତି କରନ୍ତି
(ହେଲେ) ମାଟି କାହିଁରେ ଧନ ମାଟି କାହିଁ...!!
ଘରୁ ଅଗଣା ସିମେଣ୍ଟ-ମାର୍ବଲ
ରାସ୍ତାଘାଟ, ପୀଠମଠ, କଂକ୍ରିଟ୍
ନା ଅଛି ଆଉ ତୋଟା, ପାଟ,
ଗୋଚର କି ପ୍ରାନ୍ତର
ଧିକ୍ ମାଟିମୁଠାଏ ଦେଇପାରୁନି
ମୋ ମାଟିଘଟର ଅଂଶୀଦାର ନାତି ମୋର

ଦିନଥିଲା ଆମ ଅଗଣାରେ ଥିଲା ମାଟି
ବାଡ଼ିପଟ ମାଟିକୁଦ ତା' ଉପରେ ଶାଗପଟାଳି
ମାଟି ସୁରେଇରୁ ପିଉଥିଲୁ ପାଣି
ମାଟି ପଲମରେ ହେଉଥିଲା ପିଠା...
ଲିପାପୋଛା ମାଟିପିଣ୍ଡିରେ
ଖଟୁଲି ଉପରେ ଭାଗବତ ପୋଥି
ଦୁର୍ଗାପୂଜା ପାଇଁ ଜନ୍ମାଷ୍ଟମୀରେ ଉଠୁଥିଲା ମାଟି
ମାଟିମୟ ମୃଣ୍ମୟ ଥିଲା ସରଳଜୀବନ ଛଳଛଳ
ଏତିକିବେଳେ ପଡ଼ୋଶୀଘରୁ
ନଅବର୍ଷର ନାତି, ଆସିଛି ସେ ଆମେରିକାରୁ
ମୋ ନାତିକୁ ଡାକି ଧିରେ କହିଲା :
ତୋ' ଗ୍ରାଣ୍ଡପା' ଭୁଲ କହୁଛନ୍ତି
ସେରାମିକ୍, ପ୍ଲାଷ୍ଟିକ୍, ପ୍ଲାଷ୍ଟରଅଫ୍‌ପ୍ୟାରିସ୍‌ରେ
ମୂର୍ତ୍ତି ତିଆରି ହୁଏ
ମାଟିରେ ହୁଏନା... ନା ... ନା ମାଟିରେ ହୁଏନା
ମୁଠାଏ ମାଟି ଜେଜେବାପା
ଆଣିଦିଅ... ତା' ପାଟି ବନ୍ଦଥାଇ
ମୋତେ ଶୁଭିଲା ହଁ ଶୁଭିଲା...

ପୁରୁଣା ଭୁବନେଶ୍ୱର
୯୮୫୩୮୦୬୪୦୩

ମାଟିରୁ ଅନ୍ତରୀକ୍ଷ

ଲକ୍ଷ୍ମୀ ଚାନ୍ଦ୍

ଗତକାଲିଠୁ ଜଗମୋହନ ଏଇ ନିଷ୍ପତ୍ତିଟି ନେଇଛନ୍ତି। ଏବଂ ଏବେ ଯାଏଁ ଯେତେଥର ତା ଉପରେ ବିଚାର ବିମର୍ଶ କଲେଣି ତାଙ୍କୁ ଲାଗୁଚି ସେ ସଠିକ୍ ନିଷ୍ପତ୍ତି ନେଇଛନ୍ତି। ଦୀର୍ଘ ପଞ୍ଚାଅଶୀ ବର୍ଷ ସମୟକୁ ସେ ଅତିବାହିତ କରିସାରିଲେଣି। ତା ଭିତରେ ଦେଖିଛନ୍ତି ଅଗଣିତ ସ୍ୱପ୍ନ। କେତେକ ସେଥିରୁ କାର୍ଯ୍ୟକାରୀ ହୋଇଛି, କେତେକ ବାତିଲ ହୋଇଛି, ନିଜ ଅସାବଧାନତା ହେତୁ କେତେ ବି ଓଲଟା ଫଳ ହେଇଛି। ମାତ୍ର ତାଙ୍କ ସ୍ୱପ୍ନ ଦେଖା ବନ୍ଦ ହୋଇନି, ଏହା ଲମ୍ବି ଚାଲିଛି ମାଟିରୁ ଅନ୍ତରୀକ୍ଷ । ପତ୍ନୀ ବସୁଧା ଦୀର୍ଘ ଚାଳିଷ ବର୍ଷ ତଳୁ ତାଙ୍କୁ ଛାଡ଼ିଗଲେଣି। ତଥାପି ସେ ମହାଦ୍ରୁମ ପରି ଡେଣାବାହୁ ମେଲି ନିଜ ପୁଅବୋହୂଙ୍କ ସଂସାରକୁ ଜାବୁଡ଼ି ଧରିଛନ୍ତି। ଜାବୁଡ଼ି ଧରି ବଞ୍ଚିଛନ୍ତି ଏବଂ ଗୋଟିଏ ପରେ ଗୋଟେ ସ୍ୱପ୍ନ ଦେଖିଛନ୍ତି। କିନ୍ତୁ ଗତକାଲିଠୁ ତାଙ୍କର ସବୁ ମୋହ ତୁଟିଯାଇଛି। ଆଉ ସ୍ୱପ୍ନ ଦେଖିବେ ନାହିଁ ବୋଲି ନିଜ ମନକୁ ନିଷିଦ୍ଧ କରିଛନ୍ତି। ପ୍ରଥମରୁ ସେ ସଂସାର ମାୟାରେ ପଶିବାକୁ ଚାହୁଁ ନଥିଲେ।

ବିବାହ ପୂର୍ବରୁ ପରିବାର ପ୍ରତି ତାଙ୍କରଏତେ ବିତୃଷ୍ଣା ଆସିଯାଇଥିଲା ଯେ କୌଣସି ମଠ କିମ୍ବା ଆଶ୍ରମକୁ ଚାଲିଯାଇ ସନ୍ନ୍ୟାସୀ ଜୀବନଯାପନ କରିବାକୁ ସ୍ଥିର କରିଥିଲେ। ପରିବାରରେ ତାଙ୍କର ଏହି ଘୋଷଣା ଶୋକର ଛାୟା ଖେଳାଇ ଦେଇଥିଲା। ବାପା ମା' ଓ ଭଉଣୀମାନେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ପରିବାରର ଗୋଟିଏ ମାତ୍ର ପୁତ୍ର ସନ୍ତାନ ସିଏ। ବଂଶରକ୍ଷା ହେବ କିପରି? ଚଉଦପୁରୁଷ ପାଣି ପାଇବେ କାହା ହାତରୁ? ଜଗମୋହନ ପରିବାର ଲୋକଙ୍କୁ ବହୁତ ବୁଝାଇଲେ। ସଂସାରରେ ଘାଣ୍ଟି ହେବା ପାଇଁ ତାଙ୍କର ଆଦୌ ଇଚ୍ଛା ନାହିଁ। ଏଇଠୁ ଜୀବନକୁ ସେ ନୂଆ କରି ଗଢ଼ିବେ। ଜପତପ ଧ୍ୟାନ କରି ବାକୀ ସମୟକୁ ସେ ନିଃସଙ୍କୋଚରେ ଈଶ୍ୱରଙ୍କୁ ସମର୍ପଣ କରିବେ। ଈଶ୍ୱର କୃପାଲାଭ କରିବା ତାଙ୍କର ଏକାନ୍ତ ଇଚ୍ଛା। ତେଣୁ ଏହି ରାସ୍ତାରେ କାହାର ପ୍ରତିରୋଧ ସେ ସହ୍ୟ କରିପାରିବେ ନାହିଁ। ଖାଲି ବୁଝାଇଲେନି, ଦିନେ ରାତିରେ ଘରୁ ଉଠି ମଠକୁ ଚାଲିଗଲେ। ସେଇ ମଠରେ କୌଣସିମତେ ଆଶ୍ରୟ ଯୋଗାଡ଼ କରି ନିରବରେ ଧ୍ୟାନ କରିବାକୁ ଲାଗିଲେ। ବୁଦ୍ଧଦେବ ଠାକୁରଙ୍କ ଦଶାବତାର ମଧ୍ୟରୁ ଅନ୍ୟତମ ଜାଣିଲା ପରେ ବୁଦ୍ଧଙ୍କ ଆଦର୍ଶରେ ଅନୁପ୍ରେରିତ ହୋଇ ନିର୍ବାଣ ଉଦ୍ୟମ ଆରମ୍ଭ କଲେ। ମଠର ଜୀବନ ଶୈଳୀ ତାଙ୍କ ଜୀବନରେ ଅନିର୍ବଚନୀୟ ଶାନ୍ତି ଆଣିଦେଲା, ଆଚାର ବ୍ୟବହାରକୁ ଶୃଙ୍ଖଳିତ କଲା ସେ ଏକ ମନ ଏକ ପ୍ରାଣ ହୋଇ ଧ୍ୟାନ କରିବାକୁ ଲାଗିଲେ। ମାତ୍ର ବିଡ଼ମ୍ବନା! ପରିବାରର ଲୋକେ କୌଣସି ପ୍ରକାରେ ଖବର ପାଇ ତାଙ୍କ ପାଖରେ ପହଞ୍ଚିଗଲେ। ଅନେକ କନ୍ଦାକଟା, ନାଟକ ଅଭିନୟ କରି ତାଙ୍କୁ ଘରକୁ ଫେରାଇ ଆଣିଲେ। ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା କେବଳ କିଛିଦିନ ତାଙ୍କ ଗହଣରେ ବିତାଇ ସେ ପୁଣି ଫେରିଆସିବେ। ଅଥଚ ସେ ଫେରିବା ଆଉ ସମ୍ଭବ ହେଲା ନାହିଁ। ଗୋଟିଏ ପରେ ଗୋଟିଏ ବନ୍ଧନରେ ଏମିତି ବାନ୍ଧି ହୋଇଗଲେ ଯେ ସାରା ଦିନରେ ଥରୁଟିଏ ହରିନାମ ଉଚ୍ଚାରଣ କରିବାକୁ ସମୟ ପାଇଲେ ନାହିଁ। ସେ ଘରକୁ ଫେରିଲା ମାତ୍ରେ ବାପା ମା' ତାଙ୍କ ପୂର୍ବ ଯୋଜନା ଅନୁସାରେ ଆଗରୁ ଠିକ୍ ରଖିଥିବା ଅନିନ୍ଦ୍ୟ ସୁନ୍ଦରୀ ବସୁଧାଙ୍କ ସହ ଚଟାପଟ ତାଙ୍କର ବିବାହ କରାଇଦେଲେ।

ଜୀବନର କେତୋଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଏତେ ଶୀଘ୍ର ଘଟିଗଲା ଯେ ସେ କିଛି ଚିନ୍ତା କରିବାକୁ ସମୟ ବା ସୁଯୋଗ ପାଇଲେ ନାହିଁ। ବରଂ ଘଟୁଥିବା ଘଟଣା ସହ ନିଜକୁ ସାମିଲ କରି ସମୟ ସ୍ରୋତରେ ବୋହି ଚାଲିଲେ। ବର୍ଷେ ପରେ ଯେତେବେଳେ ତାଙ୍କର ପୁଅଟିଏ ହେଲା, ଭାବିଲେ ଦାୟିତ୍ୱ ସରିଗଲା। ବଂଶରକ୍ଷା ହେଇଗଲା। ଚଉଦପୁରୁଷଙ୍କୁ ପାଣି ଦେଲାବାଲା ବି ଆସିଗଲା। ସେ ଏଣିକି ମୁକ୍ତ। ଏବେ ସଂସାର ଛାଡ଼ି ଚାଲିଗଲେ କେହି କିଛି କହିବେନି। ହୁଏତ କେହି କିଛି କହି ନଥାନ୍ତେ, ମାତ୍ର ପାଦ ତାଙ୍କର ଛନ୍ଦି ହୋଇଗଲା ଆପେ ଆପେ। ବୁଦ୍ଧଦେବଙ୍କ ସମୟରେ ସେ ଆସି ପହଞ୍ଚିଗଲେ। ଏଇଠୁ ତସେ ଘରଛାଡ଼ି ଚାଲି ଯାଇଥିଲେ। ହଁ ସୁନ୍ଦରୀ ପତ୍ନୀ ଏବଂ ଏଭଳିଆ ଗୋଟେ ସୁନ୍ଦର ଶିଶୁପୁତ୍ରକୁ ଛାଡ଼ି ଦେଇ ଚାଲି ଯାଇଥିଲେ। ମାତ୍ର ସେ କାହିଁକି ଯାଇ ପାରୁ ନାହାନ୍ତି? ଦୁନିଆ ଯାକର ଦାୟିତ୍ୱ, କର୍ତ୍ତବ୍ୟ ମନେ ପଡ଼ିଯାଉଛି ଠିକ୍ ଏଇ ସମୟରେ। ପତ୍ନୀ ତାଙ୍କର ସତର ବର୍ଷର କିଶୋରୀଟିଏ ମାତ୍ର। ଦୁନିଆଁର ଭଲ ମନ୍ଦ କିଛି ଜାଣି ନାହିଁ। ନିରୀହ ଏବଂ ସରଳତାରେ ତାକୁ କେହି ଅତିକ୍ରମ କରିପାରିବେନି। ଯଦି ବାପା ମା'ଙ୍କର କିଛି ହୋଇଯାଏ ସେ କାହା ସାହାରାରେ ବଞ୍ଚିବେ? ପୁଣି କୁନି ଗୁଲୁଗୁଲିଆ ପୁଅଟିଏ, ଦୁନିଆଁକୁ ଚାଲି ଆସିଲା ବୋଲି ତା'ର ଅବା ଦୋଷ କ'ଣ? ତା ଦାୟିତ୍ୱ କିଏ ନେବ? ସିଏ ଗୌତମଙ୍କ ପରି ରାଜପୁତ୍ର ହୋଇଥାନ୍ତେ କି ପତ୍ନୀ ଏବଂ ପୁତ୍ର ପାଇଁ ଗୋଟେ ସୁରକ୍ଷିତ ଭବିଷ୍ୟତ ଯୋଗାଡ଼ କରି ତପସ୍ୟା ପାଇଁ ଚାଲି ଯାଇଥାନ୍ତେ। ଭଉଣୀ ମାନେ ବିବାହ କରି ସଂସାର କଲେଣି। ବାପା ମା' ନିଜ ସଂସାର ବୋଝରେ କ୍ଲାନ୍ତ, ପୁଅ ସଂସାରକୁ ମୁଣ୍ଡାଇବେ କିପରି? ତେଣୁ ତାଙ୍କୁ ଅଟକିଯିବାକୁ ପଡ଼ିଲା ଅନ୍ତତଃ ପୁଅ ବଡ଼ ହେଲା ଯାଏଁ।

ଜଗମୋହନ ମନେ ପକାଇଲେ, ସତରେ କ'ଣ କେବଳ ପୁଅ ପାଇଁ ସେ ଅଟକି ଯାଇଥିଲେ? କିଶୋରୀ ବସୁଧାଙ୍କ ଅନାବିଳ ପ୍ରେମ ତାଙ୍କୁ ଅଟକାଇ ଦେଇ ନଥିଲା? ପୂର୍ଣ୍ଣିମା ଜହ୍ନ ପରି ବସୁଧାଙ୍କ ମୁହଁକୁ ସେ ଘଣ୍ଟା ଘଣ୍ଟା ବିଭୋର ହୋଇ ଚାହୁଁନଥିଲେ? ରାତିରେ ବସୁଧା ତାଙ୍କ ପାଖକୁ ଆସିବାରେ ସାମାନ୍ୟ ବିଳମ୍ବ ହେଲେ ସେ ଅଧୈର୍ଯ୍ୟ ହୋଇପଡୁନଥିଲେ? ବସୁଧାଙ୍କ ଯୌବନର ମ

ଆରମ୍ଭ ହେବ ଘରୋଇ +୨ କଲେଜର ଯାଞ୍ଚ

ଭୁବନେଶ୍ୱର : ଯୁକ୍ତଦୁଇ ନାମଲେଖା ଜୁନ୍‌ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ। ଏ ନେଇ କଲେଜଗୁଡ଼ିକ ପ୍ରସ୍ତୁତ ହେଉଥିବା ବେଳେ ରାଜ୍ୟର ଘରୋଇ କଲେଜଗୁଡ଼ିକ ଉପରେ କଡ଼ା ନଜର ରଖିଛନ୍ତି ସରକାର। ଏ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ରାଜ୍ୟର ସମସ୍ତ ଘରୋଇ କଲେଜଗୁଡ଼ିକର ଭିତ୍ତିଭୂମିର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ଆସନ୍ତା ଜୁନ୍‌ମାସ ସୁଦ୍ଧା ଯାଞ୍ଚ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ କଲେଜଗୁଡ଼ିକର ଭିତ୍ତିଭୂମି, ପାଠାଗାର, ଇ-ଲାଇବ୍ରେରୀ, ପ୍ରାକ୍ଟିକାଲ ରୁମ୍, ଶ୍ରେଣୀକକ୍ଷ, ଛାତ୍ରଛାତ୍ରୀଙ୍କ ଅନୁପାତରେ ଅଧ୍ୟାପକ ନିଯୁକ୍ତି, କଲେଜ ପରିସରରେ ଆନୁଷଙ୍ଗିକ ସୁବିଧା ବ୍ୟବସ୍ଥା, କୋର୍ସ ଫି', ଛାତ୍ରାବାସ, ପରୀକ୍ଷା ପରିଚାଳନା, ମୂଲ୍ୟାଙ୍କନ ସାଙ୍ଗକୁ ଗତ ୫ ବର୍ଷ ମଧ୍ୟରେ କେଉଁ କଲେଜରେ ପାସ୍‌ହାର କେତେ ରହିଛି ସେସବୁର ଯାଞ୍ଚ କରାଯିବ। ତେବେ ୨୦୧୩ ମସିହାରେ ଯୁକ୍ତଦୁଇ ପ୍ରଶ୍ନପତ୍ର ଲିକ୍ ପଛରେ ଏକ ପ୍ରମୁଖ ଘରୋଇ କଲେଜର ହାତ ଥିବା ଜଣାପଡ଼ିଥିଲା। ତେଣୁ ଘରୋଇ କଲେଜ ଉପରେ କଡ଼ା ନଜର ରଖିଛନ୍ତି ସରକାର। ତେବେ ଗତ ୩ ବର୍ଷ ହେବ ଘରୋଇରେ ସିଟ୍ ବି ପୂରଣ ହେଉନାହିଁ। ପୂର୍ବରୁ ଯେଭଳି ସମସ୍ତ ସିଟ୍ ପୂରଣ ହେଉଥିଲା ଅନ୍‌ଲାଇନ୍ ବ୍ୟବସ୍ଥା ପରେ ଅଭିଭାବକମାନେ ପିଲାଙ୍କୁ ଘରୋଇ କଲେଜରେ ପଢ଼ାଇବାକୁ ନାପସନ୍ଦ କରୁଛନ୍ତି। ଗତବର୍ଷ ଘରୋଇ କଲେଜରେ ମୋଟ ସିଟ୍‌ରୁ ପ୍ରାୟ ୬୫ ପ୍ରତିଶତ ସିଟ୍ ଖାଲି ପଡ଼ିଥିଲା। ୫୦ରୁ ୬୦ଟି ଘରୋଇ କଲେଜରେ ପ୍ରାୟ ୩୦ରୁ ୪୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୫ଟି ଘରୋଇ କଲେଜରେ ୧୦ରୁ ୧୫ ଜଣ ଏବଂ ଆଉ କିଛି କଲେଜରେ ପ୍ରାୟ ୩୦ରୁ ୪୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୫ଟି ଘରୋଇ କଲେଜରେ ୫ରୁ କମ୍ ଛାତ୍ରଛାତ୍ରୀ ନାମ ଲେଖାଇଥିବା ଚର୍ଚ୍ଚା ହୋଇଥିଲା। ଚଳିତବର୍ଷ ସିବିଏସ୍‌ଇ ଓ ଆଇସିଏସ୍‌ଇ ରେଜଲ୍ଟ ପ୍ରକାଶ ହୋଇ ନ ଥିବା ବେଳେ ଘରୋଇ କଲେଜର କର୍ତ୍ତୃପକ୍ଷ ସିଟ୍ ପୂରଣ ପାଇଁ ରଣକୌଶଳ ଆରମ୍ଭ କରିଦେଇଛନ୍ତି।

ଖଣିଜଭିତ୍ତିକ ଶିଳ୍ପ ପାଇଁ ବଢ଼ିବ ସଙ୍କଟ
ଦୁଇଗୁଣ ହୋଇପାରେ ବିଜୁଳି ଦର

ରାଉରକେଲା : ଅନ୍ତର୍ଜାତୀୟ ଇସ୍ପାତ ବଜାରରେ ବିଗତ ୬ ବର୍ଷ ଧରି ଲାଗି ରହିଥିବା ମାନ୍ଦାବସ୍ଥା ଯୋଗୁଁ ଦେଶର ଇସ୍ପାତ ଶିଳ୍ପ ଗୁରୁତର ଭାବେ ପ୍ରଭାବିତ। ଏହାର ସିଧାସଳଖ ପ୍ରଭାବ ପଡ଼ିଛି ଓଡ଼ିଶା ଅର୍ଥନୀତିରେ। ପରିସ୍ଥିତିର ସୁଧାର ନ ଆସିବା ପୂର୍ବରୁ ଅମଲାତନ୍ତ୍ର ପରିଚାଳିତ ଓଡ଼ିଶା ସରକାର ରାଜସ୍ୱ ଆୟ ବୃଦ୍ଧି ଲକ୍ଷ୍ୟରେ ବିଦ୍ୟୁତ୍ ଶୁଳ୍କ ଦୁଇଗୁଣ କରିବାକୁ ଆପାତତଃ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଆର୍ଥିକ ଦୁଃସ୍ଥିତିରେ ଗତି କରୁଥିବା ଷ୍ଟିଲ୍‌ପ୍ଲାଣ୍ଟଗୁଡ଼ିକ ଭଳି ରାଜ୍ୟର ଅନ୍ୟାନ୍ୟ ଖଣିଜଭିତ୍ତିକ ଶିଳ୍ପସଂସ୍ଥାଗୁଡ଼ିକ ଅନୁରୂପ ଦୁଃସ୍ଥିତିର ସମ୍ମୁଖୀନ ହେବେ। ପରିଣାମ ସ୍ୱରୂପ ରାଜ୍ୟର ରାଜସ୍ୱ ଆୟ ବୃଦ୍ଧି ପାଇବା ବଦଳରେ ନିମ୍ନମୁଖୀ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ ନିଜସ୍ୱ ଉପଯୋଗ ପାଇଁ କ୍ୟାପ୍‌ଟିଭ ବିଦ୍ୟୁତ୍ ପ୍ଲାଣ୍ଟ ସ୍ଥାପନ କରିଥିବା କମ୍ପାନୀଗୁଡ଼ିକ ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିରେ ଗୁରୁତର ଭାବେ ପ୍ରଭାବିତ ହେବେ।

ପୂର୍ବ ଆର୍ଥିକବର୍ଷ ତୁଳନାରେ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ରାଜ୍ୟର ନିଜସ୍ୱ ୧୪.୭୬ ପ୍ରତିଶତ କମିଛି। ତେଣୁ ଚଳିତ ଆର୍ଥିକ ବର୍ଷରେ ରାଜସ୍ୱ ବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ବିକଳ୍ପ ଅନୁସନ୍ଧାନରେ ଅଛନ୍ତି। ସେଥିରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଅନ୍ୟତମ ଲକ୍ଷ୍ୟ। ପ୍ରକାଶଯୋଗ୍ୟ ଯେ ୨ ଟଙ୍କା ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ କଷିବାକୁ ସରକାର ୨୦୧୬ ନଭେମ୍ବରରେ ଆଇନ ସଂଶୋଧନ କରିଛନ୍ତି। ୨୦୦୧ରେ ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା ୧୧ ପଇସାରୁ ୨୦ ପଇସାକୁ ବୃଦ୍ଧି ପାଇଥିଲା। ୨୦୧୫ରେ ସରକାର ତାହାକୁ ୩୦ ପଇସାକୁ ବୃଦ୍ଧି କରିଥିଲେ। ଏପ୍ରିଲ ୧୧ରେ ଅନୁଷ୍ଠିତ ସଚିବମାନଙ୍କ ବୈଠକରେ କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟଗୁଡ଼ିକ ପାଇଁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବାକୁ ପ୍ରସ୍ତାବ ନମ୍ବର ୨.୮ରେ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ବିଦ୍ୟୁତ୍ ଶୁଳ୍କକୁ ଦୁଇଗୁଣ କରିବା ପାଇଁ ଉଚ୍ଚସ୍ତରୀୟ ବିଚାରବିମର୍ଶ ଜାରି ରହିଛି। ଯଦି ବିଦ୍ୟୁତ୍ ଶୁଳ୍କ ଦୁଇଗୁଣ ହୁଏ, ତେବେ ତାହା ୬୦ ପଇସାକୁ ବୃଦ୍ଧି ପାଇବ। ଏକପକ୍ଷରେ ନିଜସ୍ୱ ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ପାଇଁ କମ୍ପାନୀଗୁଡ଼ିକ ଏକ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ୫ କୋଟି ହିସାବରେ ବ୍ୟୟ କରି କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ କରିଛନ୍ତି। ସେଥିରୁ ବଳକା ବିଦ୍ୟୁତ୍‌କୁ ରାଜ୍ୟ ସରକାର ଉପଯୋଗ କରୁଛନ୍ତି। ଅନ୍ୟପକ୍ଷରେ ସେମାନଙ୍କ ଉପରେ ଯଦି ଦୁଇଗୁଣ ବିଦ୍ୟୁତ୍ ଶୁଳ୍କ କଷାଯାଏ, ତେବେ ଆଲୁମିନିୟମ୍‌ର ଉତ୍ପାଦନ ଖର୍ଚ୍ଚ ଟନ୍ ପିଛା ୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ। କାରଣ ଏକ ଟନ୍ ଆଲୁମିନିୟମ୍ ଉତ୍ପାଦନ ପାଇଁ ପ୍ରାୟ ୧୫୦୦୦ ୟୁନିଟ୍ ବିଦ୍ୟୁତ୍ ଉପଯୋଗ ହୁଏ। ଫେରୋକ୍ରୋମ୍‌ର ଉତ୍ପାଦନ ବ୍ୟୟ ଟନ୍ ପିଛା ନିହାତି ୧୦୦୦ ଟଙ୍କା ବଢ଼ିଯିବ। ଲୌହ-ଇସ୍ପାତ ସମେତ ଅନ୍ୟାନ୍ୟ ଖଣିଜଭିତ୍ତିକ ଶିଳ୍ପସଂସ୍ଥାରେ ମଧ୍ୟ ସମାନୁପାତିକ ଭାବେ ଉତ୍ପାଦନ ଖର୍ଚ୍ଚ ବଢ଼ିବା ଉତ୍ପାଦନ ବ୍ୟୟ ବୃଦ୍ଧି ହେଲେ ରାଜ୍ୟ ତଥା ଦେଶର ଖଣିଜଭିତ୍ତିକ ଶିଳ୍ପଗୁଡ଼ିକ ଅନ୍ତର୍ଜାତୀୟ ବଜାରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ। ଏଥିରେ ଅସଫଳ ହେଲେ ସମ୍ପୃକ୍ତ ଶିଳ୍ପସଂସ୍ଥାଗୁଡ଼ିକ ଉତ୍ପାଦନ ହ୍ରାସ କରିବାକୁ ବାଧ୍ୟ ହେବେ। ଏହାଦ୍ୱାରା କେବଳ ଯେ ମୂଲ୍ୟଯୁକ୍ତ ଟିକସ (ଭାଟ୍) ଓ ଅନ୍ୟାନ୍ୟ ଟିକସ ଆୟ ହ୍ରାସ ପାଇବ ତାହା ନୁହେଁ, ବରଂ ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥାରେ କର୍ମଚାରୀ ଛଟେଇ ଅପରିହାର୍ଯ୍ୟ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏହାଦ୍ୱାରା ସରକାର ସେବାକରଠାରୁ ଆରମ୍ଭ କରି ଅନ୍ୟାନ୍ୟ ପରୋକ୍ଷ ଟିକସ ମଧ୍ୟ ହାତଛଡ଼ା କରିବେ।

ଚିଟ୍‌ଫଣ୍ଡ କେଲେଙ୍କାରୀ

ଜୁନ୍ ଶେଷ ସୁଦ୍ଧା କ୍ଷୁଦ୍ର ଜମାକାରୀ ଚିହ୍ନଟ ସାର

ଭୁବନେଶ୍ୱର : ବହୁ ବିଳମ୍ବରେ ହେଲେ ବି ଚିଟ୍‌ଫଣ୍ଡ କେଲେଙ୍କାରୀର ଶିକାର ହୋଇଥିବା ଲକ୍ଷ ଲକ୍ଷ ଜମାକାରୀଙ୍କ କଷ୍ଟୋପାର୍ଜିତ ଅର୍ଥ ଫେରିପାଇବା ଦିଗରେ ରାଜ୍ୟ ସରକାର ଆଉ ଗୋଟିଏ ପଦକ୍ଷେପ ନେଇଛନ୍ତି। ୧୦,୦୦୦ ଟଙ୍କା ବା ତା'ଠାରୁ କମ୍ ଅର୍ଥ ଜମା କରିଥିବା କ୍ଷୁଦ୍ର ଏବଂ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଜିଲ୍ଲା ଏବଂ କ୍ଷେତ୍ର ସ୍ତରରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଜୁନ୍ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି ମୁଖ୍ୟ ସଚିବ ଆଦିତ୍ୟ ପାଢ଼ୀ। ସଚିବାଳୟରେ ସବୁ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ଯୋଗେ ଜମାକାରୀମାନଙ୍କ ଚିହ୍ନଟ ପ୍ରକ୍ରିୟା ଯାଞ୍ଚ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ଶ୍ରୀ ପାଢ଼ୀ। ଏ ନେଇ ସୂଚନା ଦେଇ ସେ କହିଥିଲେ, ଯାଞ୍ଚ ପ୍ରକ୍ରିୟା ଜୁନ୍ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ରୋଜ୍‌ଭ୍ୟାଲିର ୩.୯୩ ଲକ୍ଷ ଜମାକାରୀଙ୍କ ତାଲିକା ଏବଂ ନ୍ୟାୟମୂର୍ତ୍ତି ମଦନ ମୋହନ ଦାସ କମିଶନ ଦେଇଥିବା ୧୨୦୦୦ ଜମାକାରୀଙ୍କ ତାଲିକାକୁ କେନ୍ଦ୍ର କରି ହିତାଧିକାରୀଙ୍କ ନାମ, ଠିକଣା ଆଦି ତଥ୍ୟ ଯାଞ୍ଚ କରାଯାଉଛି। ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ରଖିଶକିବ। ଯେପରି କେହି ହିତାଧିକାରୀ ବାଦ୍ ନ ପଡନ୍ତି, ସେ ନେଇ ପଦକ୍ଷେପ ନିଆଯାଉଛି। ସୂଚନାଥାଉ କି, ଚିଟ୍‌ଫଣ୍ଡ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଜବାବ୍ ପାଇଁ ଟୋଲ୍‌ଫ୍ରି ନଂ.୧୮୦୦୩୪୫୭ ଖୋଲାଯାଇଛି। ଜିଲ୍ଲାପାଳମାଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟ ସଚିବ କହିଲେ ଯେ ଯାଞ୍ଚ ପ୍ରକ୍ରିୟା ପାଇଁ ଗଠିତ ଦଳରେ ୩ଜଣ ନିଶ୍ଚିତ ରୂପେ ରହିବେ। ସେମାନଙ୍କର ଗସ୍ତ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କୁ ପର୍ଯ୍ୟାପ୍ତ ସୂଚନା ଦିଆଯିବ। ଦଳରେ ଥିବା ସଦସ୍ୟମାନେ କେବଳ ଫଟୋକପି ସହିତ ପ୍ରମାଣପତ୍ରର ତୁଳନା ନକରି ଯାଞ୍ଚ ପ୍ରକ୍ରିୟାକୁ ସଠିକ୍ ରୂପେ ତଦନ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିପାଇଁ ଯାଞ୍ଚ ପ୍ରକ୍ରିୟାର ଭିଡିଓଗ୍ରାଫି କରିବାକୁ ଶ୍ରୀ ପାଢ଼ୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସିଙ୍ଗଡ଼ା ବାଡ଼ିଆ ଆରମ୍ଭ

ପୁରୀ : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଭୋଇସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇସେବକମାନେ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦିନରାତି ଲାଗି ସେବକମାନେ ନିଜ କାର୍ଯ୍ୟ ସମ୍ପାଦନ କରୁଥିବା ରବି ଭୋଇ କହିଥିବା ବେଳେ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ଶେଷ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଆଦିବାସୀ ଜିଲ୍ଲା ମୟୂରଭଞ୍ଜକୁ ଅଣଦେଖା

ବଢୁଛି ଜନଅସନ୍ତୋଷ

ବାରିପଦା : ଭୌଗଳିକ ଦୃଷ୍ଟିକୋଣରୁ ରାଜ୍ୟର ସର୍ବବୃହତ୍ତ ଜିଲ୍ଲା ଭାବେ ମୟୂରଭଞ୍ଜ ମାନ୍ୟତା ଥିଲେ ବି ଜିଲ୍ଲା ସରକାରୀ ଅବହେଳାର ଶିକାର ବୋଲି ଅଭିଯୋଗ ହେଉଛି। ବିଶେଷକରି ମନ୍ତ୍ରିମଣ୍ଡଳ ଅଦଳବଦଳରେ ସୁଦାମ ମାରାଣ୍ଡିଙ୍କ ମନ୍ତ୍ରୀପଦ ଯିବା ପରେ ଲୋକଙ୍କ ଭିତରେ ଏହି ଧାରଣା ଦୃଢ଼ିଭୂତ ହୋଇଛି। ସୁଦାମଙ୍କ ମନ୍ତ୍ରୀପଦ ଚାଲିଯିବା ଚର୍ଚ୍ଚା ଆଗରୁ ହେଉଥିଲା, ହେଲେ ଲୋକେ ଭାବିଥିଲେ ତାଙ୍କ ସ୍ଥାନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ମନ୍ତ୍ରୀପଦ ଦେଇ ମୟୂରଭଞ୍ଜର ସମ୍ମାନ ରକ୍ଷାକରିବେ। ହେଲେ ସେଭଳି କିଛି ନହେବାରୁ ଜିଲ୍ଲାବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାୟତ ନିର୍ବାଚନରେ ଏଠାରେ ଶାସକ ବିଜେଡି ବ୍ୟାକ୍‌ଫୁଟରେ ରହିଥିଲା। ଆଶାଥିଲା ବିଜେଡି ସୁପ୍ରିମୋ ଏଥିପ୍ରତି ଅଧିକ ଧ୍ୟାନ ଦେବେ। କିନ୍ତୁ ଶେଷ ମୁହୂର୍ତ୍ତରେ ଏଠାରୁ କେହି ମନ୍ତ୍ରୀ ନହେବା ନେଇ ଲୋକେ ବିଗିଡି ଯାଇଛନ୍ତି। ତେଣୁ ଆଗାମୀ ଦିନରେ ମୟୂରଭଞ୍ଜକୁ ଗୁରୁତ୍ୱ ନଦେଲେ ଭବିଷ୍ୟତରେ ଏହାର ପରିଣାମ ଭୋଗିବ ବିଜେଡି ବୋଲି ଚର୍ଚ୍ଚା ଜୋର ଧରିଛି। ତେଣୁ ଏଠାରେ ଜନଅସନ୍ତୋଷ ବଢ଼ିଚାଲିଛି।

କେନ୍ଦୁଝର ସମାଚାର

ସ୍ଲାବ ଭାଙ୍ଗି କୂଅରେ ପଡି ୨ ମହିଳା ଗୁରୁତର

ବାଂଶପାଳ ବ୍ଲକ ଶୁଆକାଟୀ ପଞ୍ଚାୟତ ଦଅଁଳା ଗ୍ରାମ ପାତ୍ରସାହିର ପୁରୁଣା କୂଅରୁ ପାଣି କାଢୁଥିବା ବେଳେ ସ୍ଲାବ ଭାଙ୍ଗି ପଡିବାରୁ ୨ଜଣ ମହିଳା କୂଅ ଭିତରେ ପଡି ଯାଇଥିଲେ। ୪୦ ଫୁଟ୍ ଗଭୀର କୂଅ ଭିତରେ ପଡିବାରୁ ନେତ୍ରମଣି ପାତ୍ର (୩୨) ଓ ଶ୍ରୀମତୀ ପଲେଇ (୧୮) ଗୁରୁତର ହୋଇଥିଲେ। ଏହାଦେଖି ସେଠାରେ ଥିବା ମହିଳାମାନେ ଚିତ୍କାର କରିବାରୁ ଗ୍ରାମବାସୀ କୂଅ ପାଖକୁ ଅଗ୍ନିଶମ ବିଭାଗକୁ ସୂଚନା ଦେବା ସହିତ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ କୂଅ ଭିତରୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ଆଣିଥିଲେ। ଖବରପାଇ କେନ୍ଦୁଝର ଅଗ୍ନିଶମ ବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦୁର୍ଘଟଣା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଶୁଆକାଟୀ-ବାଂଶପାଳ ରାସ୍ତାକୁ ଅବରୋଧ କରିଥିଲେ। ଜଳ ଯୋଗାଣ ପ୍ରତି ପ୍ରଶାସନ ଓ ସ୍ଥାନୀୟ ଓଏମ୍‌ସି କର୍ତ୍ତୃପକ୍ଷ ଦାବିସତ୍ତ୍ୱେ ପଦକ୍ଷେପ ନେଉନଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ପୁରୁଣା ଖୋଲା କୂଅରୁ ପାଣି ସଂଗ୍ରହ କରି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ଓ ଏପରି ଦୁର୍ଘଟଣା ଘଟିଲା ବୋଲି ଅଭିଯୋଗ କରିଥିଷଲ। ଖବରପାଇ ପୋଲିସ ଓ ଓଏମ୍‌ସି ଅଧିକାରୀ ଘଟଣାସ୍ଥଳକୁ ଯାଇ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଫଳରେ ରାସ୍ତା ଅବରୋଧ ହଟିଥିଲା।

ନମ୍ବର ମାଗି ଦୁର୍ବୃତ୍ତ ଏଟିଏମ୍‌ରୁ ଉଠାଇ ନେଲେ ୬୦ ହଜାର

ଦୁର୍ବୃତ୍ତମାନେ କୌଶଳ କ୍ରମେ ମନୋହରପୁର ପଞ୍ଚାୟତ କାଦୁଅଡିହା ଗ୍ରାମର ବିପିନ ବିହାରୀ ସାହୁଙ୍କ ଡେବିଟ୍ କାର୍ଡର ନମ୍ବର ମାଗିନେଇ ଏଟିଏମ୍‌ରୁ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ତାଙ୍କ ଜମାରୁ ୬୦ ହଜାର ଟଙ୍କା ଉଠାଇ ନେଇଥିବା ମୋବାଇଲରେ ମେସେଜ୍ ଆସିବା ପରେ ସେ ହତବାକ ହୋଇପଡିଥିଲେ। ସଂଗେ ସଂଗେ ଥାନାକୁ ଆସି ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ସଂଧ୍ୟାରେ ବିପିନି ବିହାରୀଙ୍କ ଫୋନ୍‌କୁ ଫୋନ୍ ଆସିଥିଲା। ତାଙ୍କ ଅନୁପସ୍ଥିତିରେ ସେହି ଫୋନ୍‌କୁ ସ୍ତ୍ରୀ ନିର୍ମଳା ଉଠାଇଥିଲେ। ଦୁର୍ବୃତ୍ତ ଜଣକ ବ୍ୟାଙ୍କରୁ ଫୋନ୍ କରିଛନ୍ତି ଓ ତାଙ୍କ ଡେବିଟ୍ କାର୍ଡ ନମ୍ବର ଠିକ୍ ଅଛି କି ନା ଯାଞ୍ଚ କରିବାକୁ ଥିବାରୁ ନମ୍ବର ଜଣାଇବାକୁ କହିଥିଲେ। ତେଣୁ ତାଙ୍କ ସ୍ତ୍ରୀ କାର୍ଡର ନମ୍ବର କହି ଦେଇଥିଲେ। ପରେ ପରେ ସଂଧ୍ୟା ସାଢ଼େ ସାତଟା ବେଳକୁ ତାଙ୍କ ବ୍ୟାଙ୍କ ଜମାରୁ ୬୦ ହଜାର ଟଙ୍କା କଟି ଯାଇଥିବା ମୋବାଇଲକୁ ମେସେଜ୍ ଆସିଥିଲା। ଅଜଣା ବ୍ୟକ୍ତିଙ୍କୁ ନିଜ ଏକାଉଣ୍ଟ ନମ୍ବର, ଏଟିଏମ୍ ନମ୍ବର ଓ ପାସ୍ ନମ୍ବର ନଜଣାଇବାକୁ ବ୍ୟାଙ୍କ ପକ୍ଷରୁ ବାରମ୍ବାର ସତର୍କ ଓ ସଚେତନ କରାଯାଉଥିବା ବେଳେ ସଚେତନ ହେଉନଥିବାରୁ ଏପରି ଠକେଇ ଘଟଣା ଘଟୁଥିବା ଆଲୋଚନା ହେଉଛି।

ସଡ଼କ ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ

ଝୁମ୍ପୁରା ଥାନା ମୁରୁସୁଆଁ ଗ୍ରାମ ରାଜପଥ ପୋଲ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଯାଉଥିବା କଲେଜ ଛାତ୍ର ଗୋକୁଳାନନ୍ଦ ମହାନ୍ତ (୧୮)ଙ୍କ ବାଇକ (ଓଆର୦୯ପି ୧୩୩୮) ରାସ୍ତାକଡରେ ଠିଆ ହୋଇଥିବା ଏକ ଦଶଚକିଆ ଟ୍ରକ (ଓଆର୦୪ଏଫ୍ ୭୩୯୫)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଯୁବକ ଜଣକ ଛିଟିକି ରାସ୍ତା ଉପରେ ପଡିଥିଲେ ଓ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ବାମେବାରୀ ଥାନା ଜଳପାପଶି ଗ୍ରାମର ନିରଞ୍ଜନ ମହାନ୍ତଙ୍କ ଏକମାତ୍ର ପୁତ୍ର।

ଚମ୍ପୁଆ ପଞ୍ଚାୟତ ସମିତିର ପ୍ରଥମ ବୈଠକ

ଚମ୍ପୁଆ ପଞ୍ଚାୟତ ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରମଣି ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ହୃଷିକେଶ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ବିଡିଓ କଳ୍ୟାଣୀ ପଟ୍ଟନାୟକ, ଉପାଧ୍ୟକ୍ଷ ପରମାନନ୍ଦ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ମାନସ ବେହେରା, ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁଲତା ନାଏକ, ଜିଲ୍ଲା ପରିଷଦ ସଦସ୍ୟା ଲୀଳାବତୀ ଖିଲାର, ନବ ନିର୍ବାଚିତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଗମନାଗମନ, ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି ଉପରେ ଆଲୋଚନା ହୋଇଥିଲା।

ଡିକି ଭାଙ୍ଗି ୩୦ ହଜାର ଲୁଟ୍

ଚମ୍ପୁଆ ଥାନା ଚିମୁଳି ବଜାରୁ ଏକ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୩୦ ହଜାର ଲୁଟି ନେଇଛନ୍ତି। ଏନେଇ ରିମୁଳି ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ହୁଞ୍ଚପଶି ଗ୍ରାମର ସ

ଆକାଶପଥର ରହସ୍ୟ
ପାଙ୍ଗସାଉ ପାସ୍



ରହସ୍ୟର ଅନେକ ରଙ୍ଗ । ସ୍ଥାନ, କାଳ, ପାତ୍ରକୁ ନେଇ ରହସ୍ୟ ଭିନ୍ନ ଭିନ୍ନ ଦେଖିବାକୁ ମିଳିଥାଏ । ଭୌଗୋଳିକ ସୀମା ଭିତରେ ରହସ୍ୟକୁ ବାନ୍ଧି ରଖିପାରିବା ସମ୍ଭବ ନୁହେଁ । ସ୍ଥାନ ପରିବର୍ତ୍ତନ ହେଉଥିଲେ ମଧ୍ୟ ରହସ୍ୟମୟ ସତ୍ତା କିନ୍ତୁ ସମାନ ଦେଖିବାକୁ ମିଳିଥାଏ । ଈଶ୍ୱରୀୟ ଉପାସନା ହେଉ କିମ୍ବା ପ୍ରକୃତିର ରହସ୍ୟ, ସବୁର କିଛି ସୀମା ସରହଦ ନାହିଁ । ସେମିତି ଏକ ରହସ୍ୟ ଦେଖିବାକୁ ମିଳେ ଭାରତର ପୂର୍ବୋତ୍ତର ରାଜ୍ୟ ଆସାମରେ । ଆମେ ସମସ୍ତେ ଜାଣିଛେ ପୂର୍ବ ଆଣ୍ଠଳାଣ୍ଠିକ ମହାସାଗରର ରହସ୍ୟମୟ ବରମୁଡ଼ା ଟ୍ରାଙ୍ଗଲ କଥା । କୁହାଯାଏ ଯେ ଏହି ରହସ୍ୟମୟ ସ୍ଥାନରେ ୧୦୦ ବର୍ଷ ମଧ୍ୟରେ ପ୍ରାୟ ୨୦ଟି ବିମାନ ଓ ୫୦ଟି ଜାହାଜ କେଉଁଆଡ଼େ ନିଖୋଜ ହୋଇଯାଇଥିବା ବିଶ୍ୱାସ ରହିଛି । କିନ୍ତୁ ଆପଣ ଜାଣିଛନ୍ତି କି ଭାରତରେ ଏଭଳି ଏକ ସ୍ଥାନ ରହିଛି, ଯେଉଁ ସ୍ଥାନରେ ମଧ୍ୟ ଏହିଭଳି ରହସ୍ୟମୟ ଘଟଣା ଦେଖିବାକୁ ମିଳେ । ହିମାଳୟକୁ ଲାଗି ରହିଥିବା ଆସାମର ଏହି ଦୁର୍ଗମ ଅଞ୍ଚଳକୁ କୁହାଯାଏ **'ପାଙ୍ଗସାଉ ପାସ୍'** ।

କୁହାଯାଏ, ଏହି ସ୍ଥାନରେ ପ୍ରାୟ ୭୦୦ ବିମାନ ନିଖୋଜ ହୋଇଛନ୍ତି । ଏପରିକି ଏପର୍ଯ୍ୟନ୍ତ ୫୦୦ ବିମାନ ଏବଂ ପ୍ରାୟ ୮୦୦ ବିମାନ କର୍ମଚାରୀଙ୍କର କୌଣସି ପତ୍ତା ମିଳିନାହିଁ । ଭାବନ୍ତୁ, ଏହା କେତେ ରହସ୍ୟମୟ ? ଏଭଳି ସ୍ଥାନ କଥା କହିଲେ ପ୍ରାୟ ସମସ୍ତଙ୍କ ମନକୁ ଆସେ ବରମୁଡ଼ା ଟ୍ରାଙ୍ଗେଲ କଥା । ହେଲେ ଭାରତରେ ଏଭଳି ସ୍ଥାନ କଥା ପ୍ରାୟତଃ ଚର୍ଚ୍ଚା କମ୍ ହୋଇଥାଏ । ଏଭଳି ଘଟଣା ଭାରତର ଆସାମ ରାଜ୍ୟରୁ ଆରମ୍ଭ ହୋଇ ପଡ଼ୋଶୀ ମିଆଁମାର (ବର୍ମା) ହୋଇ ଚୀନ୍ ପର୍ଯ୍ୟନ୍ତ ଲମ୍ବିଛି । ଆଉ ଏହି ସ୍ଥାନର ରହସ୍ୟ ଏତେ ଗଭୀର ଯେ ତାକୁ କଳନା କରିବା ଏତେ ସହଜ ନୁହେଁ । ଏହି ରହସ୍ୟମୟ ସ୍ଥାନ ସମ୍ପର୍କରେ ପ୍ରଥମେ ଜଣାପଡ଼ିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ । ଆମେରିକାର ପାଇଟଲମାନେ ଏହି ରହସ୍ୟମୟ ସ୍ଥାନ ସମ୍ପର୍କରେ ଜାଣିବାକୁ ପାଇଥିଲେ । ଆକାଶରେ ସେମାନେ ଚୀନ୍ ଯିବା ସମୟରେ ହିଁ ଏହି ରହସ୍ୟମୟ ସ୍ଥାନ ସମ୍ପର୍କରେ ଆସିଥିଲେ । ଆଉ ତା' ପରେ ଏ ସ୍ଥାନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ତାହା ଥିଲା ୧୯୪୧ ମସିହା । ଏହି ସମୟରେ ଆମେରିକା ନିଜ ମିତ୍ରଦେଶ ଚୀନ୍ ସହ ମିଶି ଯୁଦ୍ଧ କରୁଥିଲା । ଆଉ ଯେତେବେଳେ ଜାପାନ ତତ୍କାଳୀନ ବର୍ମାଦେଶ ବା ଆଜିର ମିଆଁମାରକୁ ଅଧିକାର କରିଥିଲା, ସେତେବେଳେ ଆମେରିକୀୟ ସେନା ପାଇଁ ବର୍ମାଦେଶ ଦେଇ ଚୀନ୍‌କୁ ଯିବା ପାଇଁ ଥିବା ସ୍ଥଳପଥ ବନ୍ଦ ହୋଇଯାଇଥିଲା । ତା' ପରେ ଖୋଜାଯାଇଥିଲା ଆକାଶକଥର ରାସ୍ତା । ଆଉ ସେହି ସମୟରେ ଆମେରିକୀୟ ସେନାର ନଜରକୁ ଆସିଥିଲା ଆସାମରୁ ଚୀନ୍ ଯିବା ପାଇଁ ଆକାଶପଥର ଏ ରହସ୍ୟମୟ ସ୍ଥାନ । ଯାହାକୁ କୁହାଯାଉଛି ପାଙ୍ଗସାଉ ପାସ୍ । ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭିଷିକା ମଧ୍ୟରେ ଏହି ରହସ୍ୟମୟ ସ୍ଥାନରେ ଅନେକ ଆମେରିକୀ ବିମାନ ନିଖୋଜ ହୋଇଯାଇଥିଲା । ଯେତେବେଳେ ଜାପାନ ବର୍ମାକୁ ଅଧିକାର କଲା, ସେତେବେଳେ ଆମେରିକା ସେନାର ଅନେକ ଯୁଦ୍ଧସାମଗ୍ରୀ କୋଲକାତା ବନ୍ଦରରେ ପଡ଼ିରହିଥିଲା । କାରର ଆମେରିକା ନିଜ ସାମଗ୍ରୀ ଭାରତରୁ ବର୍ମାର ଦୁର୍ଗମ ରାସ୍ତା ଦେଇ ଚୀନ୍‌କୁ ପରିବହନ କରୁଥିଲା । ଆଉ ଏହି ରାସ୍ତା ବନ୍ଦ ହେବା ପରେ ଆମେରିକା ପାଇଁ ଭାରତର ଏହି ଦୁର୍ଗମ ହିମାଳୟ ପର୍ବତ ଉପରର ଆକାଶମାର୍ଗ ବ୍ୟତୀତ ଅନ୍ୟକୌଣସି ରାସ୍ତା ନ ଥିଲା । ଶେଷରେ ଆମେରିକା ସେହି ରାସ୍ତାକୁ ଆପଣାଇଥିଲା । ଅବଶ୍ୟ ଏହି ରାସ୍ତାରେ ଥିବା ବିପଦ ଓ ଦୁର୍ଗମତା ସମ୍ପର୍କରେ ପୂର୍ବରୁ କାହାରିକୁ ଜଣା ନ ଥିଲା । ୧୯୪୨ ମସିହାରେ ଆମେରିକାର ଯୁଦ୍ଧସାମଗ୍ରୀଗୁଡ଼ିକ ଆସାମର ଜୋରହାଟ, ମୋହନବାଡ଼ି ଓ ତେଜପୁର ଇତ୍ୟାଦି ସ୍ଥାନକୁ ଅଣାଯାଇଥିଲା । ଆଉ ସେହିଠାରୁ ଗୋଟିଏ ପରେ ଗୋଟିଏ ବିମାନ ସେହି ରହସ୍ୟମୟ ଆକାଶମାର୍ଗରେ ଯାତ୍ରା ଆରମ୍ଭ କରିଥିଲା । କୁହାଯାଏ ଚୀନ୍ ପର୍ଯ୍ୟନ୍ତ ଏହି ୮୦୦ କିଲୋମିଟରର ଆକାଶପଥରେ ଶତ୍ରୁପକ୍ଷର କୌଣସି ଭୟ ନ ଥିଲା । ହେଲେ ଯେତେବେଳେ ଏହି ରହସ୍ୟମୟ ସ୍ଥାନରେ ଯିବା ସମୟରେ ଗୋଟିଏ ପରେ ଗୋଟିଏ ବିମାନ ନିଖୋଜ ହେବାରେ ଲାଗିଲା । କିନ୍ତୁ ଆମେରିକା ସେନା ଏଥିରେ ହାର ମାନି ନ ଥିଲା, ବରଂ ଏହି ମାର୍ଗରେ ଅଧିକରୁ ଅଧିକ ବିମାନ ପଠାଇଥିଲା । ସେଥିମଧ୍ୟରୁ କେତେକ ବିମାନ ଚୀନ୍‌ରେ ପହଞ୍ଚିବା ପରେ ଏହି ରହସ୍ୟମୟ ମାର୍ଗର ପର୍ଦ୍ଦାଫାସ୍ ହୋଇଥିଲା । କୁହାଯାଏ ଯେ ୧୯୪୨ ମସିହାରୁ ୧୯୪୫ ମସିହା ମଧ୍ୟରେ ପ୍ରାୟ ୫୦୦ ବିମାନ ସମେତ ୮୦୦ ବିମାନ କର୍ମଚାରୀ ଏହି ରାସ୍ତାରେ ନିଖୋଜ ହୋଇଯାଇଥିଲେ । ଆଉ ଏଥିରୁ ବର୍ତ୍ତିଯାଇଥିବା କିଛି ପାଇଲଟଙ୍କ କହିବା ଅନୁସାରେ ଏହି ସ୍ଥାନରେ ଏକ ଅଦ୍ଭୁତ ପ୍ରାକୃତିକ ଶକ୍ତି ରହିଛି, ଯାହା ହଜାର ହଜାର ଫୁଟ ଉଚ୍ଚରୁ ବିମାନକୁ ତଳକୁ ଟାଣି ଦେଉଥିଲା । ଆଉ କେହି କେହି ପାଇଲଟ କୁହନ୍ତି, ଏତେ ଉଚ୍ଚରେ ପବନ ଓ ବରଫ ଯୋଗୁଁ ଅନେକ ବିମାନ କ୍ଷତି ହୋଇଥାଇପାରେ । ଆଉ ଏହି ସ୍ଥାନକୁ ଅନେକ ହିମାଲୟନ୍ ହମ୍ପ ବୋଲି ମଧ୍ୟ କହିଥାନ୍ତି । ଏଭଳି ରହସ୍ୟମୟ ପ୍ରକୃତିର କଥା ସତରେ ମଣିଷମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିବ । ଆଉ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ସେନା ସାମ୍ନା କରିଥିବା ଏହି ରହସ୍ୟମୟ ସ୍ଥାନକୁ ନେଇ ଅନେକ ଗବେଷଣା ହୋଇଥିବ ନିଶ୍ଚୟ । ତେବେ ତା'ରି ଭିତରେ ଅନେକ ଧନଜୀବନ କ୍ଷୟକ୍ଷତି ହୋଇଥିବା ସୂଚନା ମିଳେ । ତେଣୁ ପ୍ରକୃତିର ରହସ୍ୟମୟ ରୂପକୁ କଳନା କରିବା ମଣିଷ ପାଇଁ ଏତେ ସହଜ ନୁହେଁ ବୋଧହୁଏ ।

ଉପସ୍ଥାପନା : ଜାହ୍ନବୀସୁତ

ସାହିତ୍ୟ

ମରୁଡ଼ି

■ଗଜାନନ ମିଶ୍ର

(ପୂର୍ବପ୍ରକାଶ ଉତ୍ତାରୁ)

ତେଲ, ଇନ୍ଦ୍ର, ଉଦନ୍ତି ଓ ସିନ୍ଧର ନଦୀର କୂଳେ କୂଳେ ଶସ୍ୟ ଶ୍ୟାମଳା ଖେତ ହସି ଉଠୁଥିଲା ।

ଏଇ ଅବଦୁଲାଭାଇ ଦଳ ଆସିଲା ଦିନୁ ଗଛ କଟା ଆରମ୍ଭ ହେଲା । କିଏ କହିଲା ସାରା ଜଙ୍ଗଲକୁ ଅବଦୁଲାଭାଇ ଠିକାନେଇଛେ । ମନ୍ତ୍ରୀ, ନେତା, ପୋଲିସ ସମସ୍ତେ ତା ପକେଟ ଭିତରେ । ଖଡିଆଳରେ ରାୟପୁରରେ ତାର ବିରାଟ ବ୍ୟବସାୟ ଚାଲିଛି । ଖୁବ୍ ପ୍ରତାପୀ ସେ । ସରକାରଙ୍କ ଜ୍ଞାତସାରରେ / ଅଜ୍ଞାତସାରରେ ସବୁ ଗଛ କାଟି ପକାଇଲା ଆଉ ପ୍ରଚୁର ଅର୍ଥ ଉପାର୍ଜନ କଲା । ରାଣିମୁଣ୍ଡା ଗାଁରେ ଚାଳିଶ/ପଚାଶ ଗଜବାହାଲ ନେଇଛି । ସେ ଏବେ ଏକ ନମ୍ବର ସ୍ୱଚ୍ଛଳ ଚାଷୀ । ଚାରିଟା କୂଅ ଖୋଳିଛି । ପାଣିପମ୍ପ ବସେଇଛି ବର୍ଷା ନ ହେଲେ ବି ମରୁଡି କଣ ସେ ଜାଣିପାରୁନି । ସେ ଏତେ ପ୍ରଭାବଶାଳୀ ଯେ ମରୁଡି ଓ ଦାରିଦ୍ର୍ୟର ସବୁ ସୁଯୋଗ ନେଇ ଯାଉଛି । କିନ୍ତୁ ରାମଲାଲ କ'ଣ ? ଶରଧାପୁର ପାହାଡ ତଳେ ତଳେ ଦୁଇ / ତିନି ଏକର ଶୁଖିଲା ବାହାଲି । ସବୁ ସରଗ ଆଶ୍ରା । ବର୍ଷା ଯଥେଷ୍ଟ ହେଲା ତ, ଛ'ମାସର ଆହାର ମିଳିଲା ନ ହେଲେ ଏ ବର୍ଷ ଭଳି ଫକଡରାମ ଗିରିଧାରୀ । ତାର ପାଞ୍ଚପରାଣି କୁଟୁମ୍ବ ଚଳିବେ କେମିତି ? ତା'ର ପଚିଶ ହାତ କୂଅରେ ଏଇ ଭାଦ୍ରବ ମାସରେ ବି ପାଣି ନାଇଁ । ଚଳିବ କେମିତି ? ଗାଁ ମଝିରେ ଥିବା ଢେକିଆ କଳଟେ କେବେଠୁ ଅଚଳ ହୋଇପଡିଛି । ସରକାରଙ୍କର ବେଳ କାଇଁ ସଜେଇବାକୁ । ଯେତେଶୀଘ୍ର ଗାଁ ଛାଡିଦେବ ତାର ସେତେ ମଙ୍ଗଳ । ସୁମନୀର ତଳେ ତାର ଆଉ ଦି'ଟା ଛୁଆ । ଆଉ ଗୋଟେ ଝିଅକୁ ଛଅବର୍ଷ ଆଉ ଗୋଟେ ମାତ୍ର ପୁଅକୁ - ତିନି । ଶ୍ରୀମତୀ ଆଉ ପୁଅ ଝିଅକୁ ଧରି ସେ ରାୟପୁର ପଳେଇବ ଆଉ ଯେମିତି ହେଉ ସେଠି ରିକ୍‌ସା ଟାଣି କୁଟୁମ୍ବ ପୋଷିବ । ଜଗୁ ତ ରିକ୍‌ସା ଟାଣି ଟାଣି ବେଶ୍ କମାଣି କରୁଛି । ଜଗୁକୁ ଭେଟିବ ସେଠି । ଯେମିତି ହେଉ ତା ପାଇଁ ରିକ୍‌ସାଟେ ଠିକ୍‌ଠାକ୍ କରିଦେବ ଜଗୁ । ଏତିକି ଯଦି କରିବ ନି ଆଉ କ'ଣ ସେ ଗାଁ ଭାଇ ହୋଇଛି ! ରାୟପୁର ଚାଲିଗଲେ ଅନ୍ତତଃ ଏ ମରୁଡିଟା ବେଶୀ ବାଧିବ ନି । ଦିନଯାକ ଭିତରେ ଥରେ ହେଲେ ତ ଖାଇବାକୁ ମିଳିବ । ରାୟପୁରଟା ସହର ଜାଗା । ଯଦି ଈଶ୍ୱରଙ୍କ ଦୟା ହୁଏ ଛୁଆ ଦି'ଟାଙ୍କୁ ପଢ଼େଇବ ସେଠିବ । ସୁସ୍ଥସବଳ କରି ଗଢ଼ିବ ସେ ତା ପରିବାରକୁ । ତାକୁ ଯେତେ ପରିଶ୍ରମ କରିବାକୁ ପଡୁ ନା କାହିଁକି, ସେ କରିବ । ପଛଘୁଞ୍ଚା ଦେବ ନି କେବେ । ଆଗେଇଯିବ । ମନେ ମନେ କେତେକଣ ଭାବିଗଲା ରାମଲାଲ । ଖଡିଆଳ ହାଟକୁ ନେଇ ବଳଦ ଦିଟାକୁ ବିକିଦେବ । ପୁଅ ଝିଅ ଦିଟା ପାଇଁ ନୂଆ ପୋଷାକ ଆଣିବ । ଶ୍ରୀମତୀ ପାଇଁ ଆଣିବ ଗୋଟେ ଶାଢ଼ୀ । ରାୟପୁର ଯିବ ନା ! ଟିକିଏ ଭଲ ଶାଢ଼ୀ ନ ଆଣିଲେ ଚଳିବ ନି । ତା ପାଇଁ ଗୋଟେ ଚପଲ ବି ଆଣିବ । ନ ହେଲେ ଏତେ ବଡ ସହରରେ ବିନା ଚପଲରେ ଚାଲିଲେ ଲୋକେ କଣ କହିବେ । କଂସା ବାସନ ତ ସେମିତି କିଛି ନାଇଁ । ଆଲୁମିନିୟମ ଡେକଚି ଗିନାକୁ ଗୋଟିଏ ଅଖାରେ ପୁରେଇବ ।

ତା ଶଗଡ଼ ଲଙ୍ଗଳ ଆଦି ଚାଷ କରୁଥିବା ଜିନିଷ ଗୁଡିକ ତା କକା ପୁଅଭାଇ ଗୋପାଳ ଶବର ଘରେ ରଖିଦେଇଥିବ । ଆସନ୍ତା ବର୍ଷ ସେ ଆସିଲେ ଚାଷ କରିବ ତ ! ଯଦି ଭଲ ବର୍ଷା ହୁଏ । ନାଇଁ ତ ରାୟପୁରରେ ଗୁଜୁରାଣ ଯଦି ଠିକ୍ ଚାଲିଲା ଆଉ କିଆଁ ଆସିବ । ଗୋପାଳ ଯାହା କରୁ । ଏମିତି ଆସୁ ଆସୁ କେତେବେଳେ ଯେ ତିନିକୋଶ ବାଟ ସରିଗଲା ଆଉ ସେ ଶରଧାପୁରରେ ପହଞ୍ଚିଗଲା ଜାଣି ପାରିଲା ନାହିଁ ।

ସେ ଜନ୍ମିଥିବା ଶରଧାପୁର ଗାଁଟି ଏବେ ତାକୁ ବିଦେଶୀ, ବିଦେଶୀ, ଅଚିହ୍ନା ଅଚିହ୍ନା ଲାଗିଲା ଏବଂ କେବେ ଦେଖି ନଥିବା ରାୟପୁରଟି ଲାଗିଲା ତାର ଅତି ନିଜର, ଅତି ଆପଣାର । ଆସନ୍ନ ଭୟଙ୍କର ମରୁଡିରୁ ଯିଏ ରକ୍ଷା କରିବା ପାଇଁ ତୟାର । ତାର ପରିବାରକୁ କୋଳେଇନେବାକୁ ପାଳି ପୋଷି ସୁଖରେ ରଖିବାବୁ ଯେମିତି ରାୟପୁର ତାକୁ ଡାକୁଛି ବରଗଛ ହୋଇ ଛାଇ ଦେବାକୁ । ନୂତନ ସ୍ୱପ୍ନ, ନୂତନ ଆଶା, ନୂତନ ଆଲୋକର ସନ୍ଧାନ ପାଇବ ରାମଲାଲ ସେଠୁ ଯେମିତି !

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଥମୁନି...

ବିଜେଡ଼ି ମୁଖପାତ୍ର ଦାୟିତ୍ୱ ଦିଆଯିବା ସହିତ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିଲା । ମୁଖପାତ୍ର ରହିବା ସହିତ ବିଜେଡ଼ି ରାଜ୍ୟ ନିର୍ବାଚନ ଅଧିକାରୀ ଭାବେ ସେ ଦଳୀୟ ନିର୍ବାଚନ ପରିଚାଳନା କରିଥିଲେ । ମୁଖପାତ୍ର ଭାବେ ବିରୋଧୀ ଦଳର ସମାଲୋଚନାକୁ ଠିକଣା ଢ଼ଙ୍ଗରେ ଜବାବ ଦେଇ ପ୍ରତାପ ନିଜର ଦକ୍ଷତା ପ୍ରତିପାଦନ କରିଆସୁଥିଲେ । ବିଧାନସଭାରେ ବିଜେଡ଼ିର ୧୧୭ ସଦସ୍ୟ ଥିବାରୁ ମେ ୨୫ରେ କେବଳ ଔପଚାରିକତା ରକ୍ଷା ଉଦ୍ଦେଶ୍ୟରେ ଉପନିର୍ବାଚନ ଅନୁଷ୍ଠିତ ହେବ । ରାଜ୍ୟସଭା ପାଇଁ ତାଙ୍କ ନାମ ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଦାୟିତ୍ୱ ନିର୍ବାହ ପାଇଁ ସେ ଚେଷ୍ଟା କରିବେ ଓ ରାଜ୍ୟସଭାରେ ରାଜ୍ୟର ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେବେ ବୋଲି ଶ୍ରୀ ଦେବ କହିଛନ୍ତି ।

ତେବେ ଏତିକିରେ କଥା ଛିଡୁନି । ମନ୍ତ୍ରିମଣ୍ଡଳ ଗଠନ ବା ପୁନର୍ଗଠନ ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିବା ବେଳେ ପୂର୍ବରୁ କେବେ ଏତେ ବାଦବିବାଦ ଦେଖାଦେଇ ନ ଥିଲା । ହେଲେ ବର୍ତ୍ତମାନର ମନ୍ତ୍ରିମଣ୍ଡଳକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ପଛରେ କାରଣ କ'ଣ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି । ବିଶେଷକରି ମନ୍ତ୍ରିମଣ୍ଡଳ ସଂପ୍ରସାରଣ ପରେ ଏଥିରୁ ବାଦ୍ ପଡ଼ିଥିବା ଜିଲ୍ଲାଗୁଡ଼ିକରେ ବିଦ୍ରୋହର ନିଆଁ ଜଳିବା ଆରମ୍ଭ କରିଛି । ଏହିକ୍ରମରେ ଯାଜପୁର ଜିଲ୍ଲାର ବିଧାୟକ ତଥା ଟାଣୁଆ ନେତା ଅମର ପ୍ରସାଦ ଶତପଥୀ ଥିଲେ ବି ସେ ଏବେ ଶାନ୍ତ ପଡ଼ିଛନ୍ତି । କିନ୍ତୁ ପ୍ରମିଳା ମଲ୍ଲିକ ଓ ଦେବାଶିଷ ନାୟକ ନିଜ ଅସନ୍ତୋଷ ଖୋଲାଖୋଲି ବ୍ୟକ୍ତ କଲେଣି । ସେହିପରି ବୀରମହାରାଜପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ସମ୍ବଲପୁର ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଏବଂ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ନ ପାଇବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ନିମାପଡ଼ା ବିଧାୟକ ସମୀର ଦାଶ ଖୋଲାଖୋଲି ନିଜର ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କଲେଣି । ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ସେ ଟାର୍ଗେଟ କରିଛନ୍ତି । ସଞ୍ଜୟ ହିଁ ତାଙ୍କ ମନ୍ତ୍ରୀ ହେବା ରାସ୍ତାରେ କଣ୍ଟା ସାଜିଛନ୍ତି ବୋଲି ଇଙ୍ଗିତ ଦେଇଛନ୍ତି ସମୀର । ପୁରୀ ଜିଲ୍ଲାରେ ଦୁଇ ଦୁଇ ଜଣ ବରିଷ୍ଠ ମନ୍ତ୍ରୀ ଥିଲା ବେଳେ ଆଉ ଜଣେ ମନ୍ତ୍ରୀ ଆଶାୟୀଙ୍କ ଏପରି ବିଷୋଦଗାର ଦଳକୁ ପୁଣି ଅଡୁଆରେ ପକାଇଛି । ସେହିପରି ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କୁ ଆଜିକାଲି ଠିକ୍ ପରାମର୍ଶ ଦିଆଯାଉନି । ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ସମାଲୋଚନା କରି ନଥିଲେ ବି ତାଙ୍କ ନିଷ୍ପତ୍ତି ରାଜ୍ୟ ତଥା ଦଳ ପାଇଁ ହିତରେ ଆସୁନି ବୋଲି ପରୋକ୍ଷରେ ଜଣାଇଛନ୍ତି । ସେ କହିଛନ୍ତି, ରାଜନୈତିକ ଦୃଷ୍ଟିକୋଣରୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବ୍ୟକ୍ତି ଓ ଦଳୀୟ ନେତାଙ୍କ ସହ ଆଲୋଚନା କରିବା ଓ ସେମାନଙ୍କ ଠାରୁ ପରାମର୍ଶ ନେବା ସ୍ୱାଭାବିକ । କିନ୍ତୁ ତାଙ୍କୁ ଠିକ୍ ଭାବେ ପରାମର୍ଶ ଦିଆଯାଉନି । ସେହି ପରାମର୍ଶ ରାଜ୍ୟ ତଥା ଦଳ ପାଇଁ ହିତ ନୁହେଁ ବୋଲି ଏକ ଧାରଣା ଆସ୍ତେ ଆସ୍ତେ ସୃଷ୍ଟି ହେଲାଣି । ବିଜେଡି ଯୁବ ସଭାପତି ନିଯୁକ୍ତି ଓ ମନ୍ତ୍ରିମଣ୍ଡଳ ଅଦଳବଦଳ ତାହାର ଉଦାହରଣ ବୋଲି ସମୀର କହିଛନ୍ତି ।

ଯଦିଓ କୌଣସି ନେତା ଖୋଲାଖୋଲି ନବୀନଙ୍କୁ ଚ୍ୟାଲେଞ୍ଜ କରୁନାହାନ୍ତି, ତଥାପି ସେମାନଙ୍କ ମନ ଭିତରେ ଥିବା ଅସନ୍ତୋଷକୁ ମାପିଚୁପି ବାହାରକୁ ଛାଡୁଛନ୍ତି । ଯେହେତୁ ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ୧୮ଟି ଜିଲ୍ଲା ପ୍ରତିନିଧିତ୍ୱରୁ ବାଦ୍ ପଡ଼ିଛି, ସେଥିନେଇ ଅସନ୍ତୋଷର ନିଆଁ ଚାରିଆଡ଼େ ତୀବ୍ର ହେବାରେ ଲାଗିଲାଣି । ପୁରୁଖା ବିଧାୟକ ତଥା ପୂର୍ବତନ ମନ୍ତ୍ରୀମାନେ ନିଜର ସମର୍ଥକମାନଙ୍କୁ ଧରି ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ କଲେଣି । ଯେଉଁଥିପାଇଁ ବିଜେଡିରେ ଦେଖାଦେଇଥିବା ଅସନ୍ତୋଷ ଭବିଷ୍ୟତରେ କେଉଁ ରୂପ ନେବ, ତାହାକୁ ନେଇ ଆଶଙ୍କା ଦେଖାଦେଇଛି ।

ସେହିପରି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ନେଇ ଚର୍ଚ୍ଚାରେ ଥିବା ବିଧାୟକ ବିଜୟ ନାୟକ ଶେଷ ମୁହୂର୍ତ୍ତରେ ନାଟକୀୟ ଭାବେ ଯେଭଳି ପଦ ପାଇବାରୁ ବଞ୍ଚିତ ହେଲେ, ତାହାକୁ ସେ ଘୋର ଅପମାନ ଭାବେ ଗ୍ରହଣ କରିଛନ୍ତି । ଭବିଷ୍ୟତରେ ସେ ଏହାର ବଦ୍‌ଲା ନେଇପାରନ୍ତି ବୋଲି ଚର୍ଚ୍ଚା ଆଲୋଚନା ଚାଲିଲାଣି । ଅପରପକ୍ଷେ ଯେଉଁମାନେ ମନ୍ତ୍ରୀ ହେବାକୁ ସଜବାଜ ହୋଇ ବସିଥିଲେ ବି ସେମାନଙ୍କ ନାଁ ଚର୍ଚ୍ଚାକୁ ଆସିଲାନି ସେମାନେ ବର୍ତ୍ତମାନ ଦଳ ଭିତରେ ଚାପ ସୃଷ୍ଟି କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି । ଏଭଳି ପରିସ୍ଥିତିରେ ବିଜେଡି ସୁପ୍ରିମୋ ନବୀନ ବାବୁ କିଭଳି ପଦକ୍ଷେପ ନେଇ ନିଜ ଦଳର ନେତାଙ୍କୁ ଶାନ୍ତ କରାଇବେ ତାହାକୁ ଅପେକ୍ଷା କରିଛନ୍ତି ରାଜ୍ୟବାସୀ ।

ଅମାତ...

ନିଶ୍ଚିତ । କେବଳ ଔପଚାରିକ ଘୋଷଣାକୁ ଅପେକ୍ଷା କରାଯାଇଛି । ଅମାତ ଗତ ୬ ତାରିଖରେ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ । ବାଚସ୍ପତି ଥିବା ନିରଞ୍ଜନ ପୂଜାରୀ ଇସ୍ତଫା ଦେଇ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବାରୁ ଏହି ପଦବୀ ଖାଲି ରହିଛି । ଅମାତ ୨୦୦୯ ରୁ ୨୦୧୪ ମଧ୍ୟରେ ବାଚସ୍ପତି ଭାବେ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି ।

ବିଜେପିରେ...

ଆମ୍ ଆଦ୍‌ମୀ ପାର୍ଟିର ପ୍ରଚାର କମିଟି ସଦସ୍ୟ ଅବିନାଶ ମହାପାତ୍ର ଓ କର୍ପୋରେଟର ପ୍ରଦୀପ କୁମାର ଧଳ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି । ତେବେ ବିଜେପିରେ ଜୟରାମଙ୍କ ସାମିଲ ହେବା ପରେ ଉପୁଜିଛି ବିବାଦ । ଟିକିରି ଶିକ୍ଷୟିତ୍ରୀ ଆତ୍ମହତ୍ୟା ପଛରେ ଶ୍ରୀ ପାଙ୍ଗୀଙ୍କ ହାତ ଥିବା ଦର୍ଶାଇ ତାଙ୍କୁ ସିବି

ବିଦେଶୀଭାଷାରେ 'ଥ୍ରୀ ଇଡିଅଟ୍ସ'

ହିନ୍ଦୀ ସିନେଜଗତ ଦିନକୁ ଦିନ ତା'ର କଳେବର ବୃଦ୍ଧି କରିବା ସହ ଲୋକପ୍ରିୟତା ଓ ମାନରେ ମଧ୍ୟ ଉଚ୍ଚରେ ପହଞ୍ଚିଛି । ପୂର୍ବରୁ ବଲିଉଡରେ ବିଦେଶୀ ସିନେମାକୁ ରିମେକ୍ କରିବା ଭଳି ଅଭିଯୋଗ ଆସୁଥିଲା । ମାତ୍ର ଏବେ ପରିସ୍ଥିତି ଏଭଳି ହେଲାଣି ଯେ ବଲିଉଡର ସିନେମାକୁ ବିଦେଶୀ ଭାଷାରେ ରିମେକ୍ କରାଗଲାଣି । ଅମୀର ଖାନ୍‌ଙ୍କ ବହୁଚର୍ଚ୍ଚିତ ସିନେମା 'ଥ୍ରୀ ଇଡିଅଟ୍ସ'କୁ ମେକ୍ସିକୋରେ ରିମେକ୍ ହେବାକୁ ଯାଉଛି । ମେକ୍ସିକୋର ନିର୍ଦ୍ଦେଶକ କାଲୋସ୍ ବାଲାଡୋ ଏ ନେଇ କାମ ଆରମ୍ଭ କରିଛନ୍ତି । ୨୦୧୭ ଜୁନ୍ ୨ ତାରିଖରେ ରିଲିଜ୍ ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରର ନାମ 'ଥ୍ରୀ ଇଡିଓଟାସ୍' ରଖାଯାଇଛି । ଏହାର ଟ୍ରେଲର ମୁକ୍ତିଲାଭ କରିସାରିଥିବା ବେଳେ ବିଭିନ୍ନ ଭୂମିକାରେ ଅଛନ୍ତି ଆଲଫାନେସା ଦୋସାଲ (ଅମୀର ଖାନ୍‌ଙ୍କ ଚରିତ୍ର), ଖ୍ରୀଷ୍ଟିଆନ୍ ଭାଜକୁଜେ (ଆର୍. ମାଧବନଙ୍କ ଚରିତ୍ର), ଜର୍ମାନ୍ ଭାଲଡେସ୍ (ଶରମନ ଯୋଶୀଙ୍କ ଚରିତ୍ର) ମାର୍ଥା ହିଗରାଡେ (କରୀନା କପୁରଙ୍କ ଚରିତ୍ରରେ) । ମେକ୍ସିକୋର ଏହି କଳାକାରମାନେ ହିନ୍ଦୀ ସିନେମାରେ ଅଭିନୟ କରିଥିବା ପ୍ରତ୍ୟେକ କଳାକାରଙ୍କୁ ଭେଟିବା ସହ ଆଲୋଚନା କରିଛନ୍ତି । ଚଳଚ୍ଚିତ୍ରଟିର ରିଲିଜ୍‌କୁ ନେଇ ଏବେ ସବୁଠି ଅପେକ୍ଷା ।

'ପ୍ରିୟଙ୍କା ମୋ ବାୟୋପିକ୍ କରନ୍ତୁ'

ବଲିଉଡ୍‌ରେ ଯଦି ମୋ ଜୀବନକୁ ନେଇ ନେଇ ସିନେମା ହୁଏ, ତେବେ ଏଥିପାଇଁ ପ୍ରିୟଙ୍କା ହିଁ ସବୁଠୁ ପସନ୍ଦିତ ନାୟିକା । ସେ ହିଁ ଏହି ଚରିତ୍ରକୁ ନିଖୁଣ ଭାବେ ଅଭିନୟ କରିପାରିବେ ବୋଲି ମୋର ବିଶ୍ୱାସ ରହିଛି ବୋଲି କହିଛନ୍ତି ବଲିଉଡ୍‌ର ବିଗତ ଦିନର ହଟ୍ ନାୟିକା ଜିନତ୍ ଅମନ୍ । ସେ କହିଛନ୍ତି ଯେ ପୂର୍ବରୁ ପ୍ରିୟଙ୍କା ବାୟୋପିକ୍ କରିସାରିଛନ୍ତି । ସେ ଜଣେ ନାୟିକା ହୋଇ ମଧ୍ୟ ମାରିକମ୍‌ଙ୍କ ଭଳି ଜଣେ ଆଥ୍‌ଲେଟିକ୍‌ଙ୍କ ଚରିତ୍ରକୁ ପରଦାରେ ନିଖୁଣ ଭାବରେ ଅବତାରଣା କରିପାରିଥିଲେ । ତେବେ ଯେହେତୁ ମୋ ପରି ସେ ମଧ୍ୟ ଜଣେ ନାୟିକା ତେଣୁ ମୋ ଭାବନା, ଆବେଗ, ସମସ୍ୟା ଓ ଅନ୍ୟାନ୍ୟ ସବୁଦିଗ ପ୍ରତି ସେ ଶତ ପ୍ରତିଶତ ନ୍ୟାୟ ଦେଇପାରିବେ ବୋଲି ମୋର ଆଶା । ସେହିପରି ଏବେକାର ନାୟିକାମାନଙ୍କ ମଧ୍ୟରେ ପ୍ରିୟଙ୍କା ମୋର ପସନ୍ଦିତ ନାୟିକାମାନଙ୍କ ମଧ୍ୟରୁ ଜଣେ । ତେଣୁ ସେ ହିଁ ଏହି ସିନେମା କଲେ ମୁଁ ବିଶେଷ ଖୁସି ହେବ ବୋଲି ଜିନତ୍ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଜିନତ୍‌ଙ୍କ ଜୀବନୀକୁ ନେଇ ସିନେମା ତିଆରି ପାଇଁ ଜନୈକ ପ୍ରଯୋଜକ ଯୋଜନା କରୁଛନ୍ତି । ଏହାକୁ ନେଇ ଜିନତ୍ ନିଜ ପ୍ରତିକ୍ରିୟାରେ ଏକଥା କହିଛନ୍ତି ।

ପୁଣି ଦୌଡ଼ିବେ ବୁଦ୍ଧିଆ

ଭୁବନେଶ୍ୱର : ଟ୍ରାକ୍‌କୁ ଫେରିବେ ମାରାଥନ ବାଳକ ବୁଦ୍ଧିଆ ସିଂହ । ଚଳିତ ମେ' ୧୫ରେ ନେପାଳର ଲୁମ୍ବିନିରେ ଅନୁଷ୍ଠିତ ହେବାକୁ ଥିବା ତାନ୍‌ଜିଙ୍ଗ ହିଲାରୀ ଏଭରେଷ୍ଟ ମାରାଥନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ନେପାଳ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବୁଧିଆଙ୍କୁ ଆମନ୍ତ୍ରଣ କରାଯାଇଛି । ଏଥିପାଇଁ ଡ.ଅନୀତା ସାବତଙ୍କ ନେତୃତ୍ୱରେ ବୁଦ୍ଧିଆ କାଠମାଣ୍ଡୁରେ ପହଞ୍ଚିଛନ୍ତି । ଏହି ଦୌଡରେ ବୁଦ୍ଧିଆଙ୍କ ସହ ଅଲିମ୍ପିଆନ ବୈକୁଣ୍ଠନାଥ ମାନନ୍‌ଧର, ଲିମ୍‌କା ବୁକ୍ ଅଫ୍ ରେକର୍ଡ଼ ଧାବକ ଅମର ସୁବା, ସାହା ଭାନୁ ଖାନ ପ୍ରମୁଖ ପ୍ରତିଷ୍ଠିତ ମାରାଥନ ଧାବକମାନେ ଅଂଶଗ୍ରହଣ କରୁଛନ୍ତି । ସୂଚନାଯୋଗ୍ୟ ଯେ, ୨୦୦୬ ମେ' ୨ରେ ପୁରୀରୁ-ଭୁବନେଶ୍ୱର ଦୌଡି ଚର୍ଚ୍ଚାକୁ ଆସିଥିଲେ ବୁଦ୍ଧିଆ ସିଂହ । ବସ୍ତିର ଏହି କୁନି ଧାବକକୁ ନେଇ ଓଡ଼ିଶା ଆଥ୍‌ଲେଟ ମହଲରେ ସେତେବେଳେ ନୂଆ ଆଶା ସଞ୍ଚାର କରିଥିଲା । ସରକାରଙ୍କ ପକ୍ଷରୁ ବୁଦ୍ଧିଆଙ୍କ ଭବିଷ୍ୟତ ନେଇ ଯୋଜନା ଆରମ୍ଭ ହୋଇଥିଲା । ୨୦୦୭ ମେ' ୭ରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ଯୋଗଦେଇଥିଲେ । ୨୦୧୬ ମେ'ରେ ଗ୍ରୀଷ୍ମଛୁଟିରେ ଯାଇ ବୁଧିଆ ଆଉ କ୍ରୀଡ଼ା ଛାତ୍ରାବାସକୁ ଫେରି ନଥିଲେ । ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ତାମିଲନାଡୁର କୋଡାଇକେନାଲରେ ଛୁଟି କାଟି ବୁଦ୍ଧିଆ ପୁନର୍ବାର ଭୁବନେଶ୍ୱର ଫେରିଥିଲେ ମଧ୍ୟ କ୍ରୀଡ଼ା ଛାତ୍ରାବାସକୁ ଫେରିବେ ନାହିଁ ବୋଲି କହିଥିଲେ । ଫଳରେ ବୁଦ୍ଧିଆଙ୍କ କ୍ୟାରିଅରକୁ ନେଇ ଆଶଙ୍କା ଉପୁଜିଥିଲା । ବର୍ତ୍ତମାନ ନେପାଳ ଅନ୍ତର୍ଜାତୀୟ ହିଲାରୀ ଏଭରେଷ୍ଟ ମାରାଥନରେ ଦୌଡି କ୍ୟାରିୟର ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି ବୁଦ୍ଧିଆ ।

ଖବର କିଛିକିଛି

- **ନୂଆଦିଲ୍ଲୀ :** ଏଣିକି ସବୁ ନିର୍ବାଚନରେ ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସହ ଇଭିଏମ୍ ବ୍ୟବହାର କରାଯିବ ବୋଲି ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର ହସିମ୍ ଜୈଦି ।
- **ନୂଆଦିଲ୍ଲୀ :** ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଓ ଉପାଧ୍ୟକ୍ଷ ରାହୁଲ ଗାନ୍ଧିଙ୍କୁ ବଡ ଝଟ୍‌କା । ଏହି ମାମଲାର ଯାଞ୍ଚ ପାଇଁ ଦିଲ୍ଲୀ ହାଇକୋର୍ଟ ଆୟକର ବିଭାଗକୁ ଅନୁମତି ଦେଲେ ।
- **ଇସଲାମାବାଦ୍ :** ଇସଲାମାବାଦ୍‌ର ହାଇକୋର୍ଟ ଅଧିକାରୀମାନେ ଭାରତୀୟ ହାଇକମିଶନରଙ୍କ ପ୍ରଥମ ସଚିବଙ୍କ ଫୋନ୍ ଜବତ କରିଛନ୍ତି ।
- **କଟକ :** ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ନାତି ବାବୁଲା ପଣ୍ଡା ଏସ୍‌ସିବି ମେଡିକାଲରୁ ବାହାରି ଘରେ ପହଞ୍ଚିଛନ୍ତି ।
- **କୁଆଖିଆ :** ପଞ୍ଚାୟତ ଅର୍ଥ ଖର୍ଚ୍ଚକୁ ନେଇ ପଲ୍ଲୀସଭାରେ ଧସ୍ତାଧସ୍ତି ।
- **ବାରାକସ୍ :** ଭିନେଜୁଏଲାରେ ୬୫ ବିଦ୍ରୋହୀ ସୈନ୍ୟ ଗିରଫ ।
- **ଭୁବନେଶ୍ୱର :** ସେୟାର କାରବାର ସମ୍ପର୍କିତ ମାମଲାର ଶୁଣାଣି କରି ଭୁବନେଶ୍ୱର ସିଭିଲ୍ କୋର୍ଟ ଏୟାର ଓଡ଼ିଶାର ଉତ୍ତ୍ୱାନ ସ୍କିମ୍‌କୁ ବାତିଲ କରିଛନ୍ତି ।
- **ଚନ୍ଦକା :** ହାତୀ ଗଣନା । ଅଭୟାରଣ୍ୟରେ ମାତ୍ର ୩ ହାତୀଥିବାକୁ ନେଇ ସନ୍ଦେହ ।
- **ବାଣପୁର :** କନ୍ୟା ସନ୍ତାନ ଜନ୍ମ ହେବାରୁ ପତ୍ନୀଙ୍କୁ ମାଡ଼ । ସ୍ୱାମୀ ଗିରଫ ।
- **ଭୁବନେଶ୍ୱର :** ପାନୀୟ ଜଳ ଯୋଗାଣର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ । ଜଳକ୍ଲିଷ୍ଟ ଅଞ୍ଚଳ ଗସ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ।
- **ଭୁବନେଶ୍ୱର :** ପ୍ରତି ଜିଲ୍ଲାରେ ହେବ ଭିନ୍ନକ୍ଷମଙ୍କ ପାଇଁ କୋର୍ଟ ।
- **ଆଠଗଡ଼ :** କାଳବୈଶାଖୀ ଯୋଗୁଁ ବଜ୍ରପାତ । ଦୁଇ ଶ୍ରମିକ ମୃତ, ଚାରି ଗୁରୁତର ।
- **ବରଗଡ଼ :** ବହୁଚର୍ଚ୍ଚିତ ହିନ୍ଦୀ ସିନେମା 'ବାହୁବଳୀ-୨'ରେ ବରଗଡ଼ର କଳାକାର ଏମ୍.ରାମକ୍ରିଷ୍ଣା ।
- **କୋରାପୁଟ :** ଦୁଇ କ୍ୟାଡର ମାଓବାଦୀ ସୁନା ହିକକା ଓ ବନଞ୍ଜାମ ଜଗାଙ୍କ ଆତ୍ମସମର୍ପଣ ।
- **ପୁରୀ :** ଶ୍ରୀମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜକୁ ପ୍ରତିଦିନ ଯାଞ୍ଚ କରାଯିବ ।
- **ବାଲକାଟି :** ଘରୁ ଲକ୍ଷାଧିକ ଟଙ୍କା ଚୋରି କରିବା ପରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ ।

ଚୁକ୍ତି ବାତିଲ କଲେ ବିଜେନ୍ଦ୍ର

ନୂଆଦିଲ୍ଲୀ : ଅଲିମ୍ପିକ ପଦକ ବିଜେତା ଭାରତୀୟ ବକ୍ସର ବିଜେନ୍ଦ୍ର ଇତିମଧ୍ୟରେ ବ୍ରିଟିଶ କମ୍ପାନୀ କୁଇନ୍ସବେରି ପ୍ରମୋସନ ସହ ଚୁକ୍ତିକୁ ବାତିଲ କରିଛନ୍ତି । ୨୦୧୬ରେ କମ୍ପାନୀ ଚୁକ୍ତି ମୁତାବକ ସର୍ତ୍ତ ପାଳନ କରିବାରେ ବିଫଳ ହୋଇଥିବାରୁ ବିଜେନ୍ଦ୍ର ଏଭଳି ନିଷ୍ପତ୍ତି ନେଇଛନ୍ତି । ପେସାଦାର ବକ୍ସିଂ ସର୍କିଟକୁ ପ୍ରବେଶ ଲକ୍ଷ୍ୟରେ ବିଜେନ୍ଦ୍ର ୨୦୧୫ରେ କୁଇନ୍ସବେରି ସହ ଚୁକ୍ତି ସମ୍ପାଦନ କରିଥିଲେ । ବିଜେନ୍ଦ୍ର ଇତିମଧ୍ୟରେ ପେସାଦାର ସର୍କିଟରେ ମୋଟ ଆଠଟି ମୁକାବିଲା ଲଢ଼ିଥିବା ବେଳେ ସବୁଥର ବିଜୟୀ ହୋଇ ଅପରାଜେୟ ରେକର୍ଡ ବଜାୟ ରଖିଛନ୍ତି । ଏଥିମଧ୍ୟରୁ ବ୍ରିଟେନରେ ଆୟୋଜିତ ବିଜେନ୍ଦ୍ରଙ୍କ ପ୍ରଥମ ଛଅଟି ମୁକାବିଲାକୁ କୁଇନ୍ସବେରି ପ୍ରାୟୋଜନ କରିଥିବା ବେଳେ ଭାରତରେ ଆୟୋଜିତ ଶେଷ ଦୁଇଟି ମୁକାବିଲାକୁ ଆଇଓଏସ୍ ବକ୍ସିଂ ପ୍ରମୋସନ୍ସ ପ୍ରାୟୋଜନ କରିଥିଲା । ଚୁକ୍ତି ମୁତାବକ ପ୍ରତିବର୍ଷ କୁଇନ୍ସବେରି ବିଜେନ୍ଦ୍ରଙ୍କ ପାଇଁ ଅତିକମରେ ୬ଟି ମୁକାବିଲା ଆୟୋଜନ କରିବା କଥା । ପ୍ରଥମବର୍ଷ ଅର୍ଥାତ୍ ୨୦୧୫ରେ କମ୍ପାନୀ ଏହି ଦାୟିତ୍ୱ ଠିକ୍ ଭାବେ ପାଳନ କରିଥିଲା । ତେବେ ୨୦୧୬ରେ ଆୟୋଜିତ ଶେଷ ଦୁଇଟି ମୁକାବିଲା ସମୟରେ କୁଇନ୍ସବେରି ଏତେଟା ସହଯୋଗ କରିନଥିଲା । ଫଳରେ ଭାରତରେ ଆୟୋଜିତ ମୁକାବିଲା ପାଇଁ ଆଇଓଏସ୍ ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିଥିଲା । ଯଦି ସର୍ତ୍ତ ପାଳନରେ ଅନିୟମିତା ଉପୁଜେ, ତେବେ ବିଜେନ୍ଦ୍ର ଚୁକ୍ତିରୁ ଓହରିଯିବେ ବୋଲି ସେଥିରେ ଉଲ୍ଲେଖ କରାଯଇଥିଲା । ତେଣୁ ଏଭଳି ନିଷ୍ପତ୍ତି ନେବାରେ କୌଣସି ଆଇନଗତ ସମସ୍ୟା ଉପୁଜିବ ନାହିଁ ବୋଲି ବିଜେନ୍ଦ୍ର କହିଛନ୍ତି । ଅପରପକ୍ଷରେ ବିଜେନ୍ଦ୍ରଙ୍କ ପେସାଦାର ବକ୍ସିଂ କ୍ୟାରିୟରକୁ ଆହୁରି ଆଗକୁ ନେବା ପାଇଁ ଆଇଓଏସ୍ କମ୍ପାନୀ ଯଥେଷ୍ଟ ଆନ୍ତରିକତା ପ୍ରକାଶ କରୁଛି ବୋଲି ବିଜେନ୍ଦ୍ର ସ୍ୱୀକାର କରିଛନ୍ତି । ଆସନ୍ତା ଜୁଲାଇରେବି ଜେନ୍ଦ୍ରଙ୍କ ନବମ ମୁକାବିଲା ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ବିଜେନ୍ଦ୍ର ବର୍ତ୍ତମାନ ମାଞ୍ଚେଷ୍ଟର ନିବାସୀ ଲି ବିୟର୍ଡଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି ।

କୋଚି ଟସ୍କର୍ସ ସହ ବୁଝାମଣା କରିବ ବିସିସିଆଇ

ମୁମ୍ବାଇ : ଆଇପିଏଲ୍ ମାନଚିତ୍ରରୁ ହଟିଯାଇଥିବା କୋଚି ଟସ୍କର୍ସ ଫ୍ରାଞ୍ଚାଇଜ ସହ ବୁଝାମଣା କରିବାକୁ ବିସିସିଆଇ କର୍ତ୍ତୃପକ୍ଷ ରାଜି ହୋଇଛନ୍ତି । ଭୟପକ୍ଷ ମଧ୍ୟରେ ଅଦାଲତରେ ଚାଲିଥିବା ମାମଲାକୁ ଆଗକୁ ନ ବଢ଼ାଇ ଦ୍ୱିପାକ୍ଷିକ ସମାଧାନ ନିମନ୍ତେ ବିସିସିଆଇ ଆଗ୍ରହ ପ୍ରକାଶ କରିଛି । ୨୦୧୧ରେ କୋଚି ଟସ୍କର୍ସ ଦଳ ଆଇପିଏଲ୍‌ରେ ସାମିଲ ହୋଇଥିଲା । ତେବେ ଚୁକ୍ତି ଖିଲାପ କରିଥିବା ଦର୍ଶାଇ ବିସିସିଆଇ କର୍ତ୍ତୃପକ୍ଷ ୨୦୧୧ ସେପ୍ଟେମ୍ବରରେ ଏହାକୁ ବାସନ୍ଦ କରିଥିଲା । ବିସିସିଆଇ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଥିଲା ଯେ କୋଚି ଟସ୍କର୍ସ ମାଲିକଗୋଷ୍ଠୀ ନିୟମ ମୁତାବକ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିନାହାନ୍ତି । ୨୦୧୧ରେ ଗୋଟିଏ ସିଜିନ ଆଇପିଏଲ୍ ଖେଳିବା ପରେ କୋଚି ଟସ୍କର୍ସ ଦଳ ତାହାର ସତ୍ତା ହରାଇଥିଲା । ଏହାର ପ୍ରତିବାଦରେ ସେମାନେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ୍‌କୋର୍ଯ୍ୟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟି ଆର୍‌ସି ଲୋହାଟିଙ୍କ ଅଧ୍ୟକ୍ଷତାରେ ଗଠିତ ବିଚାର ବିଭାଗୀୟ ପ୍ୟାନେଲ ଏହାର ଶୁଣାଣି କରି କୋଚି ଟସ୍କର୍ସକୁ ୫୫୦ କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ବିଫଳ ହେଲେ ବିସିସିଆଇ ପ୍ରତିବର୍ଷ ୧୮ ପ୍ରତିଶତ ଅର୍ଥ ଜୋରିମାନା ଦେବ ବୋଲି ଉକ୍ତ ରାୟରେ ଉଲ୍ଲେଖ କରାଯାଇଥିଲା । କୋଚି ଟସ୍କର୍ସ ମାଲିକଗୋଷ୍ଠୀ କିନ୍ତୁ ଟଙ୍କା ପାଇବା ପରିବର୍ତ୍ତେ ସେମାନଙ୍କୁ ଆଇପିଏଲ୍‌ରେ ଅଂଶଗ୍ରହଣର ସୁଯୋଗ ଦେବାକୁ ଦାବି କରିଥିଲେ । ବିସିସିଆଇ କିନ୍ତୁ ଏଥିପ୍ରତି କର୍ଣ୍ଣପାତ ନ କରି ମୁମ୍ବାଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ତେବେ କୋଚି ଟସ୍କର୍ସ ମାମଲାରେ ବିଜୟୀ ହୋଇଥିବାରୁ ବିସିସିଆଇ ବର୍ତ୍ତମାନ ସେମାନଙ୍କୁ ୧୦୮୦ କୋଟି ଟଙ୍କା ପ୍ରଦାନ କରିବ । ମେ'୭ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିସିସିଆଇର ସ୍ୱତନ୍ତ୍ର ଅଧିବେଶନରେ କାମଚଳା ସମ୍ପାଦକ ଅମିତାଭ ଚୌଧୁରୀ ଏ ପ୍ରସଙ୍ଗରେ ଉପସ୍ଥିତ ସଦସ୍ୟଙ୍କୁ ଅବଗତ କରାଇଥିଲେ । ଏତେ ପରିମାଣର ଅର୍ଥ ଏକକାଳୀନ ପ୍ରଦାନ କରିବା ବିସିସିଆଇ ପକ୍ଷରେ କଷ୍ଟକର ହୋଇଥିବାରୁ କୋଚି ଟସ୍କର୍ସ ସହ ବୁଝାମଣା କରିବାକୁ ବିସିସିଆଇ କର୍ତ୍ତୃପକ୍ଷ ଚିନ୍ତା କରୁଛନ୍ତି । ୨୦୧୭ ସୁଦ୍ଧା ଦୁଇଟି ନୂଆ ଫ୍ରାଞ୍ଚାଇଜି ଯଥା ପୁଣେ ସୁପରଜାଏଣ୍ଟ ଓ ଗୁଜରାଟ ଲାୟନ୍ସର ଆଇପିଏଲ୍ ଅବଧି ଶେଷ ହେଉଛି । ୨୦୧୮ରେ ପୁଣି ନୂତନ ଫ୍ରାଞ୍ଚାଇଜି ଗଠନ ନିମନ୍ତେ ବିସିସିଆଇ ପକ୍ଷରୁ ସାନି ଟେଣ୍ଡର ଆହ୍ୱାନ କରାଯିବ । ତେଣୁ ଅର୍ଥ ପ୍ରଦାନ କରିବା ପରିବର୍ତ୍ତେ କୋଚି ଟସ୍କର୍ସକୁ ଯଦି ପୁଣି ଆଇପିଏଲ୍‌ରେ ସାମିଲ କରାଯାଇପାରିବ, ତାହାହେଲେ ଏଭଳି ଅର୍ଥଦଣ୍ଡରୁ ତ୍ରାହି ମିଳିପାରେ ବୋଲି ବିସିସିଆଇ କର୍ତ୍ତୃପକ୍ଷ ଆଶା କରୁଛନ୍ତି । ବିସିସିଆଇ ଏହି ମାମଳାରେ ମୁଣ୍ଡ ନୋଇଁବାକୁ ଯାଉଥିବାରୁ କୋଚି ଟସ୍କର୍ସ ମାଲିକଗୋଷ୍ଠୀ ଏହାର ଫାଇଦା ଉଠାଇବେ ବୋଲି ଅନୁମାନ କରାଯାଉଛି ।

'ଆଧ୍ୟାତ୍ମିକ ଚେତନା ଶାନ୍ତି ଦିଏ'

ଦଧିମାଛଗାଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ

ଖୋର୍ଦ୍ଧା : ଆଧ୍ୟାତ୍ମିକ ଚେତନା ମଣିଷକୁ ସଫଳତା ପ୍ରଦାନ କରିବା ସହିତ ଜୀବନକୁ ସୁଖମୟ କରିଥାଏ ବୋଲି ଖୋର୍ଦ୍ଧା ଜିଲ୍ଲା ଦଧିମାଛ ଗାଡ଼ିଆ ସ୍ଥିତ ଶ୍ରୀଜଗନ୍ନାଥଙ୍କ ଦାରୁପ୍ରାପ୍ତି ସ୍ଥାନରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ଅଖିଳ ବିହାରୀ ଓତା । ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ଆୟୋଜିତ ଏହି ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧି ଅନୁସାରେ କଳସ ଯାତ୍ରା, ଘଟ ସ୍ଥାପନ, ଧ୍ୱଜ ଉତ୍ତୋଳନ, ସୂର୍ଯ୍ୟପୂଜା, ଶ୍ରୀଜଗନ୍ନାଥଙ୍କ ଷୋଡଶ ଉପଚାର ପୂଜା, ମାଲ୍ୟାର୍ପଣ ଓ ମଙ୍ଗଳ ଆଳତୀ ପରେ ଯଜ୍ଞ ଆରମ୍ଭ ଓ ସମାପନ ହୋଇଥିଲା । ଏଥିରେ ବାବାଜୀ ସନ୍ଥ ଦାସ ମହାରାଜ, ବାବାଜୀ ପ୍ରମୋଦ ଦାସ ମହାରାଜ, ବାବାଜୀ ରାମପ୍ରକାଶ ଦାସ ମହାରାଜ, ବାବାଜୀ ଲାଲବାବା ଏବଂ ବାବାଜୀ ଚୈତନ୍ୟ ଦାସ ପ୍ରମୁଖ ସନ୍ଥ ତୁଳସୀ ଦାସକୃତ ଶ୍ରୀରାମଚରିତ ମାନସ ପାରାୟଣ ପାଠ କରିଥିଲେ । ମୁଖ୍ୟ ଆଚାର୍ଯ୍ୟ ଭାବେ ପଣ୍ଡିତ ମହାଦେବ ରଥ ଯଜ୍ଞ ପରିଚାଳନା କରିଥିବା ବେଳେ ଗୁଣନିଧି ସାମନ୍ତ ସିଂହାର ସାଥୀମାନଙ୍କ ସହ ସଂକୀର୍ତ୍ତନ ପରିବେଷଣ କରିଥିଲେ । ସମ୍ମାନୀ ପ୍ରବକ୍ତା ଭାବେ ଆଶୀର୍ବାଦ ଦାସ ମହାରାଜ ଯୋଗଦେଇ ବିଶ୍ୱଶାନ୍ତି ମହାଯଜ୍ଞର ମହାତ୍ମ୍ୟ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରବକ୍ତା ଭାବେ ନାରାୟଣ ଚନ୍ଦ୍ର ମହାପାତ୍ର ଏବଂ ନିର୍ବାଣ ଭଗବାନ ଦାସ ଯୋଗ ଦେଇଥିଲେ । ଶ୍ରୀରାମ କଥା ସେବକ ଅନିଲ କୁମାର ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ପ୍ରତ୍ୟେହ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**